ସକାଳ THE SAKALA



# ଅବହେଳିତ କୁହିମୁଣ୍ଡା: ଗାଁକୁ ନାହିଁ ସ୍ଥାୟୀ ରାସ୍ତା

ଦେଓଗାଁ, ୨୮।୧(ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ କୁହିମୁଣ୍ଡା ଅବହେଳିତ ହୋଇପଡ଼ିଛି। ସଡ଼କ ନିର୍ମାଣ ସହ ଯାତାୟାତ କ୍ଷେତ୍ରରେ ବିକାଶ କଥା କୁହାଯାଉଥିଲେ ବି ଏହି ଗାଁକୁ ସ୍ଥାୟୀ ରାସ୍ତା ହୋଇପାରିନାହିଁ। ଗ୍ରାମବାସୀଙ୍କ ପାଇଁ ନିତିଦିନିଆ ଯିବାଆସିବା ରାସ୍ତାଟିଏ ସାତ ସପନ ପାଲଟିଛି। କୁହିମୁଣ୍ଡା ଗ୍ରାମବାସୀ ଜିଲ୍ଲାପାଳଠୁ ଆରମ୍ଭ କରି

## ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ବି ପାଣିରଗାର

ବିଧାୟକ, ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ପାଇପାରିନାହାନ୍ତି। ଏପରିକି ଗତ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇ ଉକ୍ତ ଗ୍ରାମକୁ ଅଧିକାରୀ ଓ ନେତାଙ୍କୁ ଗାଁରେ ପୁରାଇ ନ ଦେବାପାଇଁ ଅସ୍ଥାୟୀ ବାଡ ଦେଇ ପ୍ରତିବାଦ କରିଥିଲେ। ନିର୍ବାଚନ ପାଖେଇ ଆସିବାରୁ ଗାଁକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ, ତହସିଲଦାର, ବିଡିଓ, ସ୍ଥାନୀୟ ନେତା ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ସବୁଦିନିଆ ରାସ୍ତା ନିର୍ବାଚନ ପରେ ନିହାତି ହେବ କହି ଭୋଟ ବର୍ଜନରୁ ଓହରି ଯିବାକୁ ନିବେଦନ କରିଥିଲେ। ଜିଲ୍ଲାପାଳଙ୍କ ଦେଇଥିବା କଥାକୁ ବିଶ୍ୱାସ କରି ଗ୍ରାମବାସୀ ଭୋଟ ବର୍ଜନରୁ ବିରତି ରହିଲେ।



ହେଲେ ଜିଲ୍ଲାପାଳ ଦେଇଥିବା ପ୍ରତିଶ୍ରୁତି ପାଣିର ଗାର ବୋଲି ଏବେ ସାଧାରଣରେ ଚର୍ଚ୍ଚା ହେଉଛି।

ସୂଚନା ଅନୁସାରେ, ଉକ୍ତ ଗ୍ରାମକୁ ରାସ୍ତା ପାଇଁ ଆଇଡିଏଫ ଓ ରାଜ୍ୟ ସ୍ୱତନ୍ତ୍ର ଅର୍ଥ କମିଶନ ପାଣ୍ଠିରୁ ୧୯ ଲକ୍ଷ ଟଙ୍କା ଅନୁଦାନ ଆସିଥିବାବେଳେ ରାସ୍ତା ନିର୍ମାଣ ପାଇଁ ଜାଗା ବିବାଦ ଦେଖାଦେବାରୁ ତାହା କାର୍ଯ୍ୟକାରୀ ହୋଇ ନପାରି ଦୁଇ ବର୍ଷ ହେଲା ପଡ଼ି ରହିଥିବା ଜଣାପଡ଼ିଛି। ଫଳରେ ପ୍ରଶାସନର ପାରିବାପାଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଗାଁକୁ ଯିବାର କିଛି ଦୂରରେ କିଛି ଅସାଧୁ ବ୍ୟକ୍ତି ସରକାରୀ ଜମିକୁ ଅକ୍ତିଆର କରିଥିବାରୁ ରାସ୍ତା କାମ ବାଧା ଉପୁଜୁଥିବା ଲୋକେ କହୁଛନ୍ତି। ନିର୍ବାଚନ ସରିଗଲା ପରେ ରାସ୍ତା କଥା ଭୁଲିଗଲା ପ୍ରଶାସନ। ତେବେ ଜିଲ୍ଲାପାଳ ଦେଇଥିବା ପ୍ରତିଶ୍ରୁତି ଯଦି ଯିବା ପୂର୍ବରୁ କରିଦେଲେ ଗ୍ରାମବାସୀ ଚିରଉପକୃତ ହେବୁ ବୋଲି ଗାଁର ଶମ୍ଭୁପ୍ରସାଦ ସାହୁ କହିଛନ୍ତି। ଜିଲ୍ଲାପାଳ ଦେଇଥିବା ପ୍ରତିଶ୍ରୁତିକୁ ଏବେବି ଗ୍ରାମବାସୀ ଆଶା ବାନ୍ଧି ରଖିଛନ୍ତି।

# ତୁଷୁରା-ଗୁଡଭେଲା ଅଞ୍ଚଳରେ ଚାଷୀ ଅସନ୍ତୋଷ ବୃଦ୍ଧି

**ତୁଷୁରା, ୨୮।୧ (ସସିସ):** ଗୁଡଭେଲା ବ୍ଲକ ଅଞ୍ଚଳରେ ଚାଷୀ ମାନଙ୍କୁ ଅଣଦେଖା କରୁଛି ସ୍ଥାନୀୟ ପ୍ରଶାସନ। ଡିସେମ୍ବର ବାତ୍ୟାରେ ତୁଷୁରା ଏବଂ ଗୁଡଭେଲା ଅଞ୍ଚଳରେ ଧାନ ଫସଲ କ୍ଷୟକ୍ଷତି ହୋଇଥିଲା। ଯାହାର ପ୍ରଭାବରେ ଚାଷୀମାନେ ଅମଳ କରିବା ସମୟରେ ଧାନ ପାଣିରେ ଭିଜି ଗଜା ହୋଇ ନଷ୍ଟ ହୋଇଥିଲା। ତୁଷୁରା ତହସିଲ ଅଫିସ ତରଫରୁ ଚାଷୀଙ୍କ କ୍ଷୟକ୍ଷତିର ଆକଳନ କରିବା ପାଇଁ ଆରଆଇ ଏବଂ କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭାଗୀୟ ଅଧିକାରୀମାନେ କ୍ଷୟକ୍ଷତି ହୋଇଥିବା ଚାଷୀ ମାନଙ୍କ ଚାଷ ଜମିକୁ ଯାଇ ତର୍ଜମା କରି ଚାଷୀଙ୍କ ସହିତ ଚାଷଜମିର ଫଟୋ ଉଠାଇ ଆଣିଥିଲେ। ଏବେ କ୍ଷୟକ୍ଷତିର ସୂଚନା କିମ୍ବା ଆର୍ଥିକ ସାହାଯ୍ୟ ଦେବାର ନା ଧରୁନି ସ୍ଥାନୀୟ ପ୍ରଶାସନ। ଯାହାଫଳରେ ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଏହାମଧ୍ୟରେ ଚାଷୀ ଆତ୍ମହତ୍ୟା ଉଦ୍ୟମର ପ୍ରତିବାଦ ଏବଂ ବିଭିନ୍ନ ସମସ୍ୟା ପାଇଁ ଗୁଡଭେଲା ଏବଂ ତୁଷୁରାକୁ ଚଳିତ ମାସ ୨୦ ତାରିଖରେ ବନ୍ଦ ଡକରା ଦିଆଯାଇଥିଲା। ତେବେ, ଆଗାମୀ



ଗୋଟିଏ ସପ୍ତାହ ଭିତରେ ଚାଷୀଙ୍କୁ ତାଙ୍କର କ୍ଷୟକ୍ଷତିର ସୂଚନା ଦିଆ ନଗଲେ ଆଗକୁ ରାଜରାସ୍ତାରେ ଆନ୍ଦୋଳନ କରି ତୁଷୁରା ତହସିଲ ଅଫିସ ଆଗରେ ଅନିର୍ଦ୍ଦିଷ୍ଟ କାଳ ଧାରଣା ଦେବାପାଇଁ ଚାଷୀଙ୍କ ସହ ବିଭିନ୍ନ ଅନୁଷ୍ଠାନ ସଜବାଜ ହେଉଥିବା ଜଣାପଡ଼ିଛି।

## ବହଲିରେ ସାତଦିନ ହେଲା ଜଳଯୋଗାଣ ଠପ୍

**ଦେଓଗାଁ, ୨୮।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ବହଲିରେ ଆଜକୁ ୭ ଦିନ ହେଲା ଗ୍ରାମ୍ୟ ପାନୀୟ ଜଳଯୋଗାଣ ଠପ୍ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଗ୍ରାମବାସୀଙ୍କ ଦୀର୍ଘ ଦିନରୁ ଦାବି ପରେ ଉକ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ଗ୍ରାମବାସୀ ପିଇବା ପାଣି ପାଉଥିଲେ। ଗତ ସପ୍ତାହେ ତଳେ ବହଲି ଛକଠାରୁ କୁତୁର୍ଲା ପର୍ଯ୍ୟନ୍ତ ଚାଲିଥିବା ନୂତନ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ କାମ ଚାଲୁଥିବାବେଳେ ଜେସିବି ମେସିନ ଦ୍ୱାରା ପାଇପ ଫାଟି ଯିବାରୁ ଜଳଯୋଗାଣ ବନ୍ଦ ରହିଛି ରହିଛି। ଏ ବିଷୟରେ ସମ୍ପୃକ୍ତ ଠିକାଦାର ବା ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିବାପରେ ମଧ୍ୟ କୌଣସି ପଦକ୍ଷେପ ନେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପିଇବା ପାଣି ଗ୍ରାମବାସୀଙ୍କ ପାଇ ଜରୁରୀ ଥିବାରୁ ତୁରନ୍ତ ମରାମତି କରି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ତୁରେକେଲା ଆଶ୍ରମର ବାର୍ଷିକ କ୍ରୀଡ଼ା

**ତୁରେକେଲା, ୨୮।୧(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ତୁରେକେଲା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ପୁରୁଷୋତ୍ତମ ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚଳନା କମିଟି ସଭାପତି ସୁଶାନ୍ତ ନାଏକ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ପାର୍ଥବ ମାହାନନ୍ଦ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ନାଟକ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ବିଜେତା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଶିକ୍ଷକ ଗୋପାଳ ଧରୁଆ, ସୁକାନ୍ତୀ ମାଝୀ, ସମୀର ପଣ୍ଡା, ଗୀତାଞ୍ଜଳି ମଳିକ ଉପସ୍ଥିତ ଥିବା ବେଳେ ଶିକ୍ଷକ ସୂର୍ଯ୍ୟମଣି ସେଠ ମଞ୍ଚ ପରିଚାଳନା କରିଥିଲେ।

# ରାଜ୍ୟପାଳଙ୍କ ଖପ୍ରାଖୋଲ ବ୍ଲକ୍ ଗସ୍ତ

**ଖପ୍ରାଖୋଲ, ୨୮।୧ (ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ ଝଲିଆଲିଟି, ଫୁଲକିମୁଣ୍ଡା ପଞ୍ଚାୟତ ଉଚ୍ଚବିଦ୍ୟାଳୟ, ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହରିଶଙ୍କର ପହଞ୍ଚି ମନ୍ଦିର ପରିସର ଉନ୍ନୟନ କାମ ବୁଲି ଦେଖିବା ସହ ମନ୍ଦିରରେ ଠାକୁର ଦର୍ଶନ କରି ପୂଜା ପାଠ କରିଥିଲେ। ସେହିପରି ଝରଣା କୂଳ, ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ହେବାକୁ କହିଥିଲେ। ମହିଳାମାନେ କାଫେ କରି ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରି ଗ୍ରାହକଙ୍କୁ ପରଷିବା ସହ ମାସିକ ଭଲ ରୋଜଗାର କରିବାରେ ସଫଳ ହୋଇଥିବାରୁ ଖୁସି ବ୍ୟକ୍ତ କରିଥିଲେ।





ତଥା ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ଗସ୍ତରେ ରାଜ୍ୟପାଳ ରଘୁବର ଦାସ ଆସିଥିଲେ। ପ୍ରଥମେ ଝଲିଆଲିଟି ଅଙ୍ଗନବାଡ଼ି କେନ୍ଦ୍ର, ପରେ ଫୁଲକିମୁଣ୍ଡାରେ ଥିବା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସ୍ୱପ୍ନକୁ ସାକାର କରିବା ପାଇଁ କଠିନ ପରିଶ୍ରମ କରିବାକୁ କହିଥିଲେ। ପରେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀ, ଏଏନଏମ ଓ ଡାକ୍ତର ମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ପୁଣ୍ୟ କ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳୀ ଦେଖିଥିଲେ। ପରେ ବସଷ୍ଟାଣ୍ଡ, ମଧ୍ୟମ କ୍ଷୁଦ୍ର ବ୍ୟସାୟିକ ଉଦ୍ୟୋଗସ୍ଥଳୀ ବୁଲି ମହିଳାଙ୍କ ଦ୍ୱାରା ବିଭିନ୍ନ ଉତ୍ପାଦନ ଦେଖିଥିଲେ। ସେହିପରି ମହିଳାମାନଙ୍କ ସହ ବିଭିନ୍ନ ଆଲୋଚନା କରିଥିଲେ। ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ମହିଳାଙ୍କ ଭାଗିଦାରୀ ଥିବାବେଳେ ୮୦ ହଜାର ସ୍ୱୟଂ ସହାୟକ ଗୋଷ୍ଠୀର କୃଷିକ୍ଷେତ୍ରରେ ଭାଗିଦାରୀ ବଢ଼ିଥିବା କହିଥିଲେ। ମହିଳାଙ୍କୁ ଡ୍ରୋନ ଚାଳନା ତାଲିମ ଦିଆଯାଉଥିବା ଓ ଆଗାମୀ ଦିନରେ ଜୈବିକ କୃଷି କରି ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରିବା ସହ ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ସଚେତନ ପରେ କାଫେରେ ମଧ୍ୟାହ୍ନ ଭୋଜନ କରିଥିଲେ। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗସ୍ତ କାର୍ଯ୍ୟକ୍ରମ ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା, ଏସପି ରିଶିକେଶ ଖିଲାରି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ ସିଂ, ଏଡିଏମ୍ ଲମ୍ବୋଦର ଧରୁଆ, ପାଟଣାଗଡ଼ ଉପଜିଲ୍ଲାପାଳ ଡ ବିଜୟାନନ୍ଦ ସେଠୀ, ବିଡିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ, ଲାଠୋର ଥାନାଧିକାରୀ ଝସକେତନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ଗାଁରେ ବିଜେଡିର ଶଙ୍ଖ ଜନସମ୍ପର୍କ ଯାତ୍ରା

**ତୁରେକେଲା,୨୮।୧(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀଙ୍କ ନେତୃତ୍ୱରେ ଶଙ୍ଖ ଜନସମ୍ପର୍କ ଯାତ୍ରା ରବିବାର ତୁରେକେଲା ବ୍ଲକ ଅନ୍ତର୍ଗତ ବଡ଼ବାଙ୍କୀ, ମୁରିବାହାଲ, ମୁଣ୍ଡକାନୀ, ଯୁବାମାଳ, କନ୍ଦେଇ, ଟିକ୍ରାପଡା, ସାଲେମୁଣ୍ଡଗା, ସାନବାଙ୍କି, ଜାମକି, ପଡ୍ରେନ ଗାଁରେ ପହଞ୍ଚିଛି। ସମସ୍ତ ଗାଁର ଘରକୁ ଘର ଯାଇ ନବୀନ ସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ସଚେତନ କରିଥିଲେ। ପ୍ରତ୍ୟେକ ଗାଁରେ ଶଙ୍ଖ ଜନସମ୍ପର୍କ ଯାତ୍ରାକୁ ସ୍ୱାଗତ କରାଯାଇଥିଲା। ନବୀନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ଖାଦ୍ୟ ସୁରକ୍ଷା ଯୋଜନା ସହ ଅନ୍ୟ ଯେଉଁ ହିତାଧିକାରୀମାନେ ବଞ୍ଚିତ ଅଛନ୍ତି, ସେମାନଙ୍କୁ ଯୋଜନାରେ ସାମିଲ କରିବାକୁ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ ନିଶୁଳ୍କ ଆବେଦନ କ୍ୟାମ୍ପ କରାଯିବ ଯେଉଁଠି ହିତାଧିକାରୀମାନେ ଆବେଦନ କରିବେ ବୋଲି ନିରୁପମା କହିଛନ୍ତି। ଆଗାମୀ ନିର୍ବାଚନରେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ବିଜେଡିର ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ଯାତ୍ରାରେ ବିଜୁ ଜନତା ଦଳ ତୁରେକେଲା ବ୍ଲକ ସଭାପତି ଆଶାଦୁଲ ଖାଁ, ପୂର୍ବତନ ସୈନିକ ତଥା ଯୁବ ବିଜେଡି ନେତା



ଗିରିରାଜ ସିଂ ମାଝୀ, ବରିଷ୍ଠ ବିଜେଡି ନେତା ଉମାକାନ୍ତ ସାହୁ, ଶ୍ରୀଧର ମାଝି, ବିଜୁ ମହିଳା ଜନତା ଦଳ ବଲାଙ୍ଗିର ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, ଯୁବ ବିଜେଡି ନେତା ବିଷ୍ଣୁ ଯୁଏଡ ବିଟୁ ସାଘା ସହ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ଓ ବେଞ୍ଚ୍ ପ୍ରେସ୍ ପ୍ରତିଯୋଗିତା

**ବଲାଙ୍ଗିର, ୨୮।୧(ସମିସ):** ବଲାଙ୍ଗିର ଆମେଚର ବଡିବିଲଡର ଏସୋସିଏସନ ଏବଂ ବଲାଙ୍ଗିର ଜିଲ୍ଲା ଜିମନାଷ୍ଟିକ୍ ଏସୋସିଏସନର ମିଳିତ ଉଦ୍ୟମରେ ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ଓ ବେଞ୍ଚ ପ୍ରେସ ପ୍ରତିଯୋଗିତା ଗାନ୍ଧୀ ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଆମେଚର ବଡିବିଲଡର ଏସୋସିଏସନର ସମ୍ପାଦକ ସଞ୍ଜୟ ଶତପଥି ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ। ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀଙ୍କୁ ପ୍ରତିଯୋଗିତାର ସମସ୍ତ ନିୟମ ବିଷୟରେ ଅବଗତ କରାଇଥିଲେ। ଉକ୍ତ ପ୍ରତିଯୋଗିତାର ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଗାନ୍ଧୀ ପାଠାଗାରର ସଭାପତି ପ୍ରକାଶ ନେପାକ ଏବଂ ସମ୍ମାନିତ ଅତିଥି ରୂପେ ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ, ଜନ ବ୍ୟାଙ୍କ ଅଧିକାରୀ ଭାସ୍କର ରାଓ ଆଚାରୀ,



ଏନ୍‌ଏମ୍ ଫିଟନେସ ର ଡାଇରେକ୍ଟର ମନୋଜ ମିଶ୍ର, ପ୍ରଫୁଲ୍ଲ ମହାପାତ୍ର ଓ ବିଡିଜିଏ ସମ୍ପାଦକ ସଂଗ୍ରାମ ବହିଦାର, ଜିତେନ୍ଦ୍ର ନାଗ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପୁରୁଷ ଫିଜିକ୍ସ ଚମ୍ପିୟାନସିପ୍ ପ୍ରଥମ ଗୃପରେ ପ୍ରଥମ ସ୍ଥାନ ବୁଲୁ ନାଗ, ଦ୍ୱିତୀୟ ସ୍ଥାନ ବରୁଣ ନାୟକ, ତୃତୀୟ ସ୍ଥାନ ବିଶ୍ୱନାଥ ସୁନା ଅଧିକାର କରିଛନ୍ତି। ପୁରୁଷ ଫିଜିକ୍ସ ଚାମ୍ପିଅନସିପ୍ ଦ୍ୱିତୀୟ ଗୃପରେ ବିରେନ ପାତ୍ର, ସୁରେନ୍ଦ୍ର ବେହେରା, ପୂର୍ଣ୍ଣବନ୍ତ ଖରସେଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରୁଷ ବେଞ୍ଚ ପ୍ରେସ ପ୍ରତିଯୋଗିତାରେ ଷ୍ଟ୍ରଙ୍ଗମ୍ୟାନ ବିଶ୍ୱନାଥ ସୁନା ଓ ମହିଳା ବେଞ୍ଚପ୍ରେସ ପ୍ରତିଯୋଗିତାରେ ମୋନାଲିସା ବିଶି ଷ୍ଟ୍ରଙ୍ଗ ଓମ୍ୟାନ ଆଖ୍ୟା ପାଇ ବିଜୟୀ ହେବା ସହ ମିଷ୍ଟର ବଲାଙ୍ଗିର ଆଖ୍ୟା ରାମଚନ୍ଦ୍ର ଖରସେଲଙ୍କୁ ଘୋଷଣା କରାଯାଇଥିଲା। ଅନ୍ୟ ପ୍ରତିଯୋଗୀ ୫୫-୬୦ କେଜି ବର୍ଗରେ ଟିକେଲାଲ ବାଗ, ପୂର୍ଣ୍ଣବନ୍ତ ଖରସେଲ, ବିଶ୍ୱନାଥ ସନା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ସ୍ଥାନ ଅଧିକାର କରିଛନ୍ତି ଏବଂ ୬୦-୬୫ କେଜି ବର୍ଗରେ ସୁରେନ୍ଦ୍ର ବାଗ, ବୁଲୁ ବେହେରା, ବୀରେନ୍ଦ୍ର ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୭୦ କେଜି ଉର୍ଦ୍ଧ୍ୱ ବର୍ଗରେ ପ୍ରିତମ ଦାଶ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୭୦ କେଜି ଉର୍ଦ୍ଧ୍ୱ ବର୍ଗରେ ପ୍ରିତମ ଦାଶ ପ୍ରଥମ ସ୍ଥାନ ଅଧିକାରୀ କରିଛନ୍ତି। ଜିଲ୍ଲା ସ୍ତରୀୟ ମହିଳା ଫିଟନେସ ପ୍ରତିଯୋଗିତାରେ ଅନିତା ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତା ମାନ ବିଡିଜିଏ ସମ୍ପାଦକଙ୍କ ତତ୍ୱାବଧାନରେ ଆୟୋଜନ କରାଯାଇଥିଲା। ଗୋପାଳ ସୁନା, ଅନୀଲ ନାଏକ, ରୂପକ ବରାଳ, ସୁଦାମ ବେହେରା, ନେପାଳ ବାଗ, ସଞ୍ଜୟ ଶତପଥି, ଗୌତମ ଆଡଜୁଏଡ ବିଚାରକ ରହିଥିବା ବେଳେ ଜିତେନ୍ଦ୍ର ନାଗ, ସାନ ଦାଶ ପ୍ରତିଯୋଗିତାକୁ ସଂଯୋଜନା କରିଥିଲେ।

# ନରସିଂହଙ୍କ 'ଜନମତ ଓ ବିଧାୟକ' କାର୍ଯ୍ୟକ୍ରମ

**ବଲାଙ୍ଗିର, ୨୮।୧(ସମିସ):** 'ଆଗାମୀ ବିଧାନସଭା ଅଧିବେଶନ ହେଉଛି ମୋର ଶେଷ ଅଧିବେଶନ। ଆପଣମାନେ ନିମନ୍ତ୍ରଣ ମୁତାବକ ଆସିଥିବାରୁ ଆପଣମାନଙ୍କୁ ଧନ୍ୟବାଦ ଦେଉଛି। ଜଣେ ବିଧାୟକ




ଲୋକଙ୍କ ପାଇଁ କାମ କରିବା ପାଇଁ ନିର୍ବାଚିତ ହୋଇଥାଏ। ସେ ଯେତେବେଳେ ଅନୁଭବ କରେ ଆଗକୁ ଆଉ ଲୋକଙ୍କ କାମ କରିବା ପାଇଁ ନିଜର ସ୍ୱାସ୍ଥ୍ୟ ଅନୁମତି ଦେଉନାହିଁ ସେତେବେଳେ ସେ ଓହରି ଯିବା କଥା। ତେଣୁ ଆପଣମାନେ ଚାହିଁବା ସତ୍ତ୍ୱେ ମଧ୍ୟ ମୁଁ ଆଗାମୀ ନିର୍ବାଚନ ଲଢିବି ନାହିଁ'। ଏହା ଥିଲା ବଲାଙ୍ଗିର ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ନରସିଂହ ମିଶ୍ରଙ୍କ 'ଜନମତ ଓ ବିଧାୟକ' କାର୍ଯ୍ୟକ୍ରମର ବାର୍ତ୍ତା।

ଶ୍ରୀ ମିଶ୍ର ଆହୁରି କହିଥିଲେ ଯେ ସେ ରାଜନୀତି ଛାଡୁନାହାନ୍ତି। 'ମୁଁ ମରିବା ପର୍ଯ୍ୟନ୍ତ ଲୋକଙ୍କ ସେବା କରିଚାଲିଥିବି' ବୋଲି ହୋଟେଲ ସେଲିବ୍ରେସନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ର ଯୁବକ, ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ଆଲୋଚନା ବେଳେ ଜନପ୍ରତିନିଧିଙ୍କୁ ଗୁରୁତ୍ୱ ନଦେବା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଜଳସେଚନ, ବାଇପାସ ସମସ୍ୟା, ଜିଏସ୍‌ଟି ସମସ୍ୟା, ଆଇନଶୃଙ୍ଖଳା, ଧାନର ଅଭାବୀ ବିକ୍ରି, ଲୋୟର ସୁକତେଲ ବିସ୍ଥାପିତଙ୍କ ସମସ୍ୟା, ଗରିବ ଭୂମିହୀନଙ୍କୁ ଘର ଓ ଜମି ଦେବାରେ ଅପାରଗତା, ଦ୍ୱିତୀୟ ବିଶ୍ୱବିଦ୍ୟାଳୟ ଦାବି, ଶିକ୍ଷକ ନିଯୁକ୍ତିରେ ଦୁର୍ନୀତି, କୋଶଲି ଭାଷାକୁ ସରକାରୀ ଭାଷା ମାନ୍ୟତା, ଟାଟା ପାୱାର ମନମୁଖୀ ଦେୟବୃଦ୍ଧି ସମସ୍ୟା, ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟରେ ମନ୍ଥରତା, ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ଅସଙ୍ଗତିକୁ ନେଇ ଜନସାଧାରଣଙ୍କ ପକ୍ଷରୁ ବିଭିନ୍ନ ପ୍ରସ୍ତାବ ଓ ପ୍ରଶ୍ନ ବିଧାୟକଙ୍କ ସମ୍ମୁଖରେ ରଖାଯାଇଥିଲା।

# ଟାଇଗର କ୍ରିକେଟ୍: ବଡ଼ଙ୍ଗୋମୁଣ୍ଡା ଚାମ୍ପିଅନ

**ଦେଓଗାଁ, ୨୮।୧(ସମିସ):** ଦେଓଗାଁ ବ୍ଲକ ଅନ୍ତର୍ଗତ ଗୁଡଖାପଲା ଖେଳ ପଡ଼ିଆରେ ଚାଲିଥିବା ୭ମ ଟାଇଗର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ବଡଙ୍ଗୋମୁଣ୍ଡା ଓ ଅର୍ଜୁନପୁର ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡଙ୍ଗୋମୁଣ୍ଡା ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଷଷ୍ଠି ମଲ୍ଲିକ ଓ ଜିତେଶ ନାଏକ ଖେଳ ପରିଚାଳନା କରିଥିବାବେଳେ ସରୋଜ ଦାଶ, ଅମିତ ହେର୍ଣ୍ଣା ଓ ଆଶିଷ ବାଗ ଧାରା ବିବରଣୀ ପ୍ରଦାନ କରିଥିଲେ। ମହେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦାଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜୀବନୀ ଦାସ, ସମ୍ମାନିତ ଅତିଥି କଂଗ୍ରେସ ଯୁବ ନେତା ବିଶ୍ୱଜିତ ପାତ୍ର ଉଭୟ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ଦେଇ ପୁରସ୍କୃତ କରିଥିଲେ। ଖେଳକୁ ଟାଇଗର କ୍ରିକେଟ କ୍ଲବର ସମସ୍ତ ସଦସ୍ୟବୃନ୍ଦ ସହଯୋଗ କରିଥିଲେ।



# ଗଞ୍ଜେଇ ଚାଲାଣ ରାକେଟ୍‌ର ମଧ୍ୟସ୍ଥି ତିନି ଛାତ୍ର, ଧରିଲା ପୁଲିସ

ବଲାଙ୍ଗିର, ୨୮।୧(ସମିସ)

ବିଳମ୍ବିତ ରାତିରେ ତିନିଜଣ ଯୁବକ ଏକ ବଡ଼ ବ୍ୟାଗ ଧରି ବଲାଙ୍ଗିର ଷ୍ଟେସନ ପରିସରକୁ ଆସିଥିଲେ। ରେଳବାଇ ପୁଲିସ ବ୍ୟାଗ ଦେଖି ସେମାନଙ୍କୁ ସନ୍ଦେହ କରିଥିଲା। ତାଙ୍କୁ ଅଟକାଇ

## ଥମୁନି ନିଶା କାରବାର, ଫସୁଛନ୍ତି ଯୁବକ

ବ୍ୟାଗ ଯାଞ୍ଚ କରିବାରୁ ଗଞ୍ଜେଇ ବାହାରିଥିଲା। ଗଞ୍ଜେଇ ଜବତ କରି ସେମାନଙ୍କୁ ଗିରଫ କରିଥିଲା ଆରପିଏଫ ପୁଲିସ। ଅଧିକ ତଦନ୍ତ ପରେ ଗିରଫ ଅଭିଯୁକ୍ତମାନେ ବେଙ୍ଗାଲୁରୁର ବୋଲି ଜଣାପଡ଼ିଛି। ସେମାନେ ତିନିଜଣ ଛାତ୍ର ଅଟନ୍ତି। ବେଙ୍ଗାଲୁରୁ ବିଦ୍ୟାଧରପୁର ଥାନାଞ୍ଚଳର ଅଭିଯୁକ୍ତ ବିଜୟ ଗୌଡ(୨୦), ଗୌତମ ଆରସ(୨୦) ଓ ଜୀବନ ନାୟକ(୨୦) ଯୁକ୍ତ ତିନିରେ ପାଠ ପଢୁଥିବା ଜଣାପଡ଼ିଛି। ଗଞ୍ଜେଇ ନେବାପାଇଁ ସୁଦୂର



ବେଙ୍ଗାଲୁରୁରୁ ବଲାଙ୍ଗିର ଆସିଥିଲେ। କେହି ଜଣେ ତାଙ୍କୁ ବଲାଙ୍ଗିରରେ ଗଞ୍ଜେଇ ଦେଇଥିଲା। ଗଞ୍ଜେଇ ଭର୍ତ୍ତି ବ୍ୟାଗ ନେଇ ବେଙ୍ଗାଲୁରୁ ଫେରିଯିବାକୁ ଉଦ୍ୟମ କରୁଥିବାବେଳେ ରେଳବାଇ ପୁଲିସ ହାତରେ ଧରାପଡ଼ିଥିଲେ। ଆଡିସନାଲ ମାଜିଷ୍ଟ୍ରେଟ ସୋମକେଶ ନାୟକଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବାରୁ ୧୪ କେଜି ହୋଇଥିଲା। ରେଳବାଇ ପୁଲିସ ସେମାନଙ୍କୁ ଗିରଫ କରି ରବିବାର ଜିଆରପିକୁ ହସ୍ତାନ୍ତର କରିଥିବା ଆରପିଏଫ ଆଇଆଇସି ରାଜସିଂ ମଲ୍ଲିକ ସୂଚନା ଦେଇଛନ୍ତି।

ପ୍ରକାଶ ଯେ ନିଶାଦ୍ରବ୍ୟର ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବରେ ବଲାଙ୍ଗିର ପରିଚୟ ହାସଲ କଲାଣି। ମଦ, ଗଞ୍ଜେଇ, କଫସିରପ, ଟାବଲେଟ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର ଚାଲାଣ ଭାୟା ବଲାଙ୍ଗିର ଦେଇ ହେଉଛି। କିଛି ପୁଲିସ ହାତରେ ଧରାପଡୁଛନ୍ତି। ଆଉ କିଛି ଗଳାବାଟ ଦେଇ ଫେରାର ମାରୁଛନ୍ତି। ସେ ଯାହା ହେଉନା କାହିଁକି ନିଶା ସାମ୍ରାଜ୍ୟରେ ଯୁବ ଓ ଛାତ୍ରବର୍ଗ ପାଦ ଥାପିବା ସମାଜ ପାଇଁ ଆଦୌ ଶୁଭଙ୍କର ନୁହେଁ। ଏହାଦ୍ୱାରା ଅପରାଧୀ ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ। ନିଶା ସେବନ ପରେ ସେମାନେ ଏବେ ନିଶାଦ୍ରବ୍ୟର ବେଆଇନ ଚାଲାଣରେ ସାମିଲ ହେଉଛନ୍ତି। ଟଙ୍କା ଦେଖାଇ ନିଶା ବେପାରୀମାନେ ତାଙ୍କୁ ଏହି କାର୍ଯ୍ୟ କରିବାକୁ ଉତ୍ସାହିତ କରୁଛନ୍ତି। ଏଭଳି ଭାବରେ ସେମାନେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତରୁ ପଥଭ୍ରଷ୍ଟ ହୋଇ ଅପରାଧୀ ସାଜୁଛନ୍ତି।

## 'ଟଙ୍କା ଦରକାର ଥିଲା, ଚାଲିଆସିଲୁ'

ଗଞ୍ଜେଇ ଚାଲାଣ ଅଭିଯୋଗରେ ଗିରଫ ହୋଇଥିବା ତିନିଛାତ୍ରଙ୍କ ସହିତ କଥାବାର୍ତ୍ତା କରିବା ସମୟରେ ଜଣାପଡ଼ିଥିଲା ସେମାନ ଉଚ୍ଚଶିକ୍ଷିତ। ତିନିଜଣ ସାଙ୍ଗ ହୋଇ ଗୋଟିଏ ଚା' ଦୋକାନରେ ଚା' ପିଅନ୍ତି। ତେବେ ସେଠାରେ ହିଁ ତାଙ୍କୁ ଜଣେ ବ୍ୟକ୍ତି ଭେଟି ବଲାଙ୍ଗିରରୁ ଏକ ବ୍ୟାଗ ଆଣିବାକୁ କହିଥିଲା। ପ୍ରତି ବଦଳରେ ସେମାନଙ୍କୁ ୧୨ ହଜାର ଟଙ୍କା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଯେହେତୁ ସେମାନଙ୍କ ମଧ୍ୟ ଟଙ୍କା ଦରକାର ଥିଲା, ସେମାନେ ବଲାଙ୍ଗିର ଆସିଥିଲେ। ବଲାଙ୍ଗିରରେ ତାଙ୍କୁ ଜଣେ ବ୍ୟକ୍ତି ଭେଟି ବ୍ୟାଗଟି ଧରାଇଥିଲା। ବ୍ୟାଗ ଭିତରେ କ'ଣ ଅଛି ସେମାନେ ଜାଣି ନଥିଲେ। ତାକୁ ନେଇ ଫେରିବାକୁ ସେମାନେ ବଲାଙ୍ଗିର ଯାଉଥିବାବେଳେ ରେଳବାଇ ତାଙ୍କୁ ଧରିଥିବା କହିଥିଲେ।

# କରମତଲାରେ ଚକ୍ଷୁ ଚିକିତ୍ସା ଶିବିର

**ସଇଁତଲା, ୨୮।୧(ସମିସ):** ସଇଁତଲା ବ୍ଲକ କରମତଲାଠାରେ ଯୁବ ସମାଜସେବୀ ଶାନ୍ତନୁ ରଣାଙ୍କ ସ୍ମୃତିରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ହିମାଞ୍ଚଳ ବୁଡେକ, ସମ୍ମାନିତ ଅତିଥି ଭାବେ ରୂପଧର ବାଗ ଯୋଗ ଦେଇଥିଲେ। ଆଖ ପାଖ ଅଞ୍ଚଳରୁ ଶତାଧିକ ରୋଗୀ ମାଗଣାରେ ଚିକିତ୍ସିତ ହୋଇଥିଲେ। ରଞ୍ଜନ ବୁଡେକ, ନିଲୁ ରଣା, ସନ୍ତୋଷ ବୁଡେକ, ନିଗମ ସିଂ, ଶାନ୍ତନୁ ବେହେରା, ସୁବ୍ରତ ବେହେରା, ଶରତ ବାଗ ପ୍ରମୁଖ ସହଯୋଗ କରିଥିଲେ।



ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

# ୨୨୦ ଯାତ୍ରୀଙ୍କ ଗୟା ଓ ବାରାଣସୀ ଯାତ୍ରା



**ଭବାନୀପାଟଣା,୨୮ ।୧(ସମିସ) :** ସ୍ଥାନୀୟ ରେଡକ୍ରସ କଲ୍ୟାଣ ମଣ୍ଡପଠାରେ ଅପରାହ୍ନ କଳାହାଣ୍ଡି ଜିଲ୍ଲାର ୨୨୦ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ୬ ଟି ବସ୍ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛି । ତୀର୍ଥଯାତ୍ରୀ ମାନେ ରାୟଗଡ଼ାରୁ ରେଳ ଯୋଗେ ଗନ୍ତବ୍ୟ ସ୍ଥଳ ଗୟା ଓ ବାରାଣସୀ ଯାତ୍ରା କରିଛନ୍ତି । ଏହି ଯାତ୍ରା ଆସନ୍ତା ଫେବୃଆରୀ ୨ତାରିଖ ପର୍ଯ୍ୟନ୍ତ ରହିଛି । ଯାତ୍ରୀମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥା ସହ ଖାଦ୍ୟପେୟର ସୁବ୍ୟବସ୍ଥାବ କରାଯାଇଛି । ସେମାନଙ୍କର ଦାୟିତ୍ୱ ନିର୍ବାହ କରିବା ପାଇଁ ଜିଲ୍ଲାରୁ ୭ ଜଣ ଏସ୍କର୍ଟ ଅଫିସରଙ୍କୁ ଜିଲ୍ଲା ପ୍ରଶାସନ ଦାୟିତ୍ୱ ଅର୍ପଣ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ର ସମସ୍ତ ବରିଷ୍ଠ ନାଗରିକଙ୍କୁ ଶୁଭକାମନା ଜଣାଇଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ଜର୍ଜ ଏମ୍ କେରକେଟା, ସୁବୋଧ ଛତ୍ରିଆ ଉପସ୍ଥିତ ଥିଲେ ।

# ସିଟି ପ୍ରାଥମିକ ଶିକ୍ଷକ ସଂଘର ସାଂଗଠନିକ ନିର୍ବାଚନ

**ଲାଞ୍ଜିଗଡ଼,୨୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ମୁଖ୍ୟାଳୟ ବିଶ୍ୱନାଥପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟସ୍ଥିତ ଶିକ୍ଷକ ଭବନ ପ୍ରାଙ୍ଗଣରେ ବ୍ଲକ୍ ସିଟି ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଓ ସାଂଗଠାନିକ ନିର୍ବାଚନ ଅନୁଷ୍ଠିତ ହୋଇଛି । ଏହି ଅବସରରେ ବ୍ଲକର ସିଟି ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଜିଲ୍ଲା ସଭପତି ଲବ ଦୁର୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷକ ସଂଘ ରାଜ୍ୟ ସଭାପତି ପ୍ରଦୀପ କୁମାର ସାହୁ, ଜିଲ୍ଲା ଉପ ସଭାପତି ଜଗତରାମ ଶବର, ବିଭୂତି ଭୂଷଣ ତାଣ୍ଡି, ଜିଲ୍ଲା କାର୍ଯକାରୀ ସଭାପତି ଭୂର୍କୁଟି ଗଉଡ଼, ଜିଲ୍ଲା ସାଧାରଣ ସମ୍ପାଦକ ଦୁର୍ଯୋଧନ ମାଝୀ, ଜୋନାଲ ସମ୍ପାଦକ ପାର୍ଥବ ମହାନନ୍ଦ, ଜିଲ୍ଲା କୋଷାଧ୍ୟକ୍ଷ ଧନଞ୍ଜୟ ପାଣିଗ୍ରାହୀ, ସଂଯୋଜକ ଧନଞ୍ଜୟ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଅବସରରେ ବ୍ଲକର ସିଟି ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ନୂତନ କର୍ମକର୍ତ୍ତା ମଧ୍ୟ ଚୟନ କରାଯାଇଥିଲା । ନୂତନ ସଭାପତି ଭାବେ ଅନୀଲ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ପ୍ରଭାତ କୁମାର ପାଠୀ, ଉପ ସଭାପତି ପଞ୍ଚାନନ ନାଗ, ଉପ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ସମ୍ପାଦକ ମନୋଜ କୁମାର ମହାଖୁଡ, ଯୁଗ୍ମ ସମ୍ପାଦକ ଦିବାକର ବିଭାର, ସଂଗଠନ ସମ୍ପାଦିକା କଲ୍ୟାଣୀ ମହାରଣା, ସଂଗଠନ ସମ୍ପାଦକ ସନ୍ୟାସୀ ନାହାକ, ବିଶ୍ୱନାଥ ସାହୁ, କୋଷାଧ୍ୟକ୍ଷ ରାଘବ ଗହିରଙ୍କୁ ଚୟନ କରାଯାଇଥିଲା । ଏହି ଅବସରରେ ବୈଠକରେ ଶିକ୍ଷକ ରାଘବ ଗହିର ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟତ୍ରୀ ଝିଲି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



# ବିଭିନ୍ନ ସ୍ଥାନରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ


କଳମପୁର


ଭବାନୀପାଟଣା


କେସିଙ୍ଗା


ବେହେରା

**ଭବାନୀପାଟଣା,୨୮ ।୧(ସମିସ):** ସଦର ବ୍ଲକ୍ ଦୁଆରସୁଣୀ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପରିଷଦ ସଦସ୍ୟ ସଚ୍ଚିଦାନନ୍ଦ ମହାଖୁଡ଼, ସମ୍ମାନିତ ଅତିଥିଭାବେ ଜିଲ୍ଲା ଯୁବ ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ସେନାପତି ନାଏକ, ସ୍ଥାନୀୟ ସରପଞ୍ଚ କୈଳାସ ଚନ୍ଦ୍ର ନାଏକ ଯୋଗଦେଇ ଥିଲେ । ବିଜେଡି ସଂଗଠନକୁ ୱାର୍ଡସ୍ତରରୁ ମଜଭୁତ କରିବା ସହିତ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ । ପଞ୍ଚାୟତକୁ ୫୦ଲକ୍ଷ ଟଙ୍କାର ଅନୁଦାନ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନଙ୍କୁ ସମସ୍ତେ ଧନ୍ୟବାଦ ଜଣାଇଥିଲେ ।

**କେସିଙ୍ଗା:** ପଞ୍ଚାୟତରେ ବିକାଶର ଝଲକ ଦେଖାଇବା ପାଇଁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଚାଞ୍ଚେର ପଞ୍ଚାୟତରେ ଶନିବାର ସଚେତନତା ରଥ ବାହାରିଥିଲା । ପଞ୍ଚାୟତରେ କି କି ପ୍ରକଳ୍ପ ହାତକୁ ନିଆଯାଇଛି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କେତେ ହିତାଧିକାରୀ ଉପକୃତ ହେଇଛନ୍ତି, କାଳିଆ ଯୋଜନାରେ କେତେ ଚାଷୀ ଅନ୍ତର୍ଭୁକ୍ତ, କେତେ ଜଣ ସାମାଜିକ ସୁରକ୍ଷା ଭତ୍ତାରେ ସାମିଲ ହୋଇଛନ୍ତି ଇତ୍ୟାଦି ବିଷୟରେ ସଚେତନ କରାଯାଇଥିଲା । ଚାଞ୍ଚେର ସରପଞ୍ଚ ଅଞ୍ଜୁ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ମୁଖ୍ୟଅତିଥି ଭାବରେ କେସିଙ୍ଗା ବ୍ଲକ୍ ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗଦେଇ ଥିବାବେଳେ ସରପଞ୍ଚ ସଂଘ ସଭାପତି ସୁବୋଧ ରଣା, ଉକ୍ରେଲା ସରପଞ୍ଚ ନରେନ୍ଦ୍ର ମାଝୀ, ବ୍ଲକ୍ ଏଇ, ବ୍ଲକ୍ ସିପି, ବ୍ଲକ୍ ଚାଞ୍ଚେର ସମିତି ସଭ୍ୟ, ନାଏବ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କେସିଙ୍ଗା ବ୍ଲକ ଚାଞ୍ଚେର ପଞ୍ଚାୟତର ମଖାପଲା ଗାଁରେ ସ୍ଥାନୀୟ ଅଧିବାସୀ ଏବଂ ଯୁବକ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ ଯୋଗଦେଇ ଥିଲେ । ବିଜେଡି ସଂଗଠନକୁ ୱାର୍ଡସ୍ତରରୁ ମଜଭୁତ କରିବା ସହିତ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବାପାଇଁ ସମସ୍ତେ ସଂକଳ୍ପ ନେଇଥିଲେ । ପଞ୍ଚାୟତକୁ ୫୦ଲକ୍ଷ ଟଙ୍କାର ଅନୁଦାନ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କୁ ସମସ୍ତେ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ୱାର୍ଡମେମ୍ବର ତନୁ କରୁଆଁ, ସମାଜସେବୀ କୁନା ଶବର, ହୀରା ବାଗ, ଶଶୀ ଶବର, ଆଦିବାସୀ ନେତା ଜଗୁରାମ ମାଝୀ, ଯୁବନେତା ବାବୁଲି ସୁନା, ସମ୍ବୋଧର ସୁନାନୀ, ଆଶୁତୋଷ ବେହେରା, ଅଶ୍ୱିନ ତାଣ୍ଡି, ସୁଶିଲ ଛତ୍ରିଆ, ବିଷ୍ଣୁ ନାଗ, ଅକ୍ରୁର ମାଝୀ, ବରିଷ୍ଠ କର୍ମକର୍ତ୍ତା, ଯୁବ -ଛାତ୍ର ମହିଳା ଏବଂ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ ।

**କଳମପୁର:** କଳାହାଣ୍ଡି ଜିଲ୍ଲା କଳମପୁରବ୍ଲକ ବନ୍ଦକନା ପଞ୍ଚାୟତରରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ବନ୍ଦକନା ସରପଞ୍ଚ, ସମିତି ସଭ୍ୟ , ୱାଡ ସଭ୍ୟ ସଭ୍ୟା ପଞ୍ଚାୟତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ସରପଞ୍ଚ ହିମାଦ୍ରି ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଳମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ମାଣ୍ଡାଙ୍ଗୀ, ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ସ୍ମୃତିରଞ୍ଜନ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ନିବେଦିତା ହଂସ, ସମିତି ସଭ୍ୟା ରୀନା ମାଝୀ , ସରପଞ୍ଚ ପ୍ରତିନିଧି ଶତ୍ରୁଘ୍ନ ବାଗ, ହାରାମାଲ ସରପଞ୍ଚ ସୁଶିଲ ଦୁର୍ଗା, ଯୋଗଦେଇ ଥିଲେ । ସମ୍ମାନିତ ଅତିଥି ଭାବରେ ଦକ୍ଷିଣ କେନାଲ ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ବେହେରା, ସମାଜସେବୀ ସୁଶୀଲ କୁମାର ରାଉତ, ଭକ୍ତରାଜ ଦୁର୍ଗା ପ୍ରମୁଖ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମରେ କମିଡି ଯୋଗେଶ ଯୋଯୋ , ମାଁ ମାଉଳି ଡେନ୍ସ ଗ୍ରୁପ୍ , କଟପା ବାଜାସାଲ ଲୋକଙ୍କ ମନମୋହି ଥିଲା । ଏହି କାର୍ଯ୍ୟକ୍ରମରେ ରଞ୍ଜନ କୁମାର ସାହୁ ଏବଂ ବିଏସଏସଓ କ୍ଷିତିଶୁତା ମେହେର ମଞ୍ଚ ପରିଚାଳନା କରିଥିଲେ । ଲାଲସୁନ୍ଦର ଶବର, ଜିଆର୍ଏସ୍ ପାର୍ଥ ସାରଥୀ ସାହୁ, ଯୋଗାଣ ସହାୟକ ସୁବେନ୍ଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ବିଜମରା ପଞ୍ଚାୟତ ଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଜମରା ସରପଞ୍ଚ ବାଳକୃଷ୍ଣ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଧର୍ମଗଡ଼ ବିଧାୟକ ମୌଷଧୀ ବାଗ ଉପସ୍ଥିତ ଥିଲେ । ବିଡିଓ ବିଜୟ କୁମାର ମାଣ୍ଡାଙ୍ଗି, ଶୃତିରଞ୍ଜନ ସେଠୀ, ଜେଇ ପିତାମ୍ବର ହେମ୍ବ୍ରମ୍, ଜିପିଓ ଜିତେନ୍ଦ୍ର କୁମାର , ବିଏସଏସଓ କ୍ଷିତିସୂତା ମେହେର, ନବୀନ ପଣ୍ଡା, ଦୁହିତା ମାଝୀ, ବଡକୁଟ୍ରୁ ସରପଞ୍ଚ ଗଣେଶ ପଣ୍ଡା , ପଣ୍ଡିଗାଁ ସରପଞ୍ଚ କବିତା ଜୈନ, ମୀନଗୁର ସରପଞ୍ଚ ନିହାରିକା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

**ବେହେରା:** ପର୍ଲା ପଞ୍ଚାୟତ ମିନି ଷ୍ଟାଡିୟମ ଠାରେ ଶନିବାର ଆମ ଓଡ଼ିଶା ନବୀନ ଓଡ଼ିଶାବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ବ୍ରିଜଲାଲ ନାଏକଙ୍କ ଅଧ୍ୟକ୍ଷତାରେ ଧର୍ମଗଡ଼ ତହସିଲଦାର ସଞ୍ଜୟ ସାମନ୍ତ ରାୟ ଯୋଗଦେଇବା ବେଳେ ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ପ୍ରସାଦ ଯୁଏଡ।, ଜୟନ୍ତପୁର ସରପଞ୍ଚ ଜୟନ୍ତୀ ବାଗ, ପରଲା ସମିତି ସଭ୍ୟ ପୂର୍ଣ୍ଣମୀ ଧାରୁଆ, ନାଏବ ସରପଙ୍କ ଦ୍ରୋପଡ଼ି ଦାସ, ପିଇ ଓ କ୍ଷେତ୍ର ମୋହନ ବିହାର ପ୍ରମୁଖ ଯୋଗଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମକୁ ଅଧ୍ୟାପକ ନଳିନୀ ଦାସ ପରିଚାଳନା କରିଥିବାବେଳେ ଅରୁଣ ଜାଲ, ନବୀନ ପୁରୋହିତ, ଯୁଗଳ କିଶୋର ଜାଲ, ସାଧୁରାମ ଶବର, ଗାୟରମ ଖର୍ସେଲ, ପଦ୍ମା ଲୟା ଗୋପାଲ, ସୂଚିତ ଦାସ ପ୍ରମୁଖ ସହଯୋଗ କରିଥିଲେ ।

ଝରିଆଗୁଡ଼ା ନକ୍ଆଉଟ କ୍ରିକେଟ୍

# ଚିଲିଗୁଡ଼ାକୁ ହରାଇ ବେହେରା ଚାମ୍ପିଅନ

**ଲଡୁଗାଁ,୨୮ ।୧(ସମିସ):** କୋକସରା ବ୍ଲକ୍ ରେଙ୍ଗାଲପାଲି ପଞ୍ଚାୟତ ଝରିଆଗୁଡା ଗ୍ରାମ ସ୍ୱାମୀ ବିବେକାନନ୍ଦ ଯୁବ ଅନୁଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ରାଧା ମାଧବ ଖେଳ ପଡ଼ିଆରେ ଆରମ୍ଭ ହୋଇଥିବା ନକ ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଶୁକ୍ରବାର ଉଦ୍‌ଯାପିତ ହୋଇଛି । ଏଥିରେ ଚିଲିଗୁଡ଼ାକୁ ହରାଇ ବେହେରା ଚାମ୍ପିଅନ ହୋଇଥିଲା । ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଯୁବ ଉଦ୍ୟୋଗୀ ବିକ୍ରମ କୁମାର ଗୁପ୍ତା, ସମିତିସଭ୍ୟ ମୁକ୍ତେଶ୍ୱର ନାଏକ, ପୂର୍ବତନ ସରପଞ୍ଚ ଜୟଲାଲ ନାଏକ, ସମାଜସେବୀ କୁରୁକ୍ଷେତ୍ର ପାଣିଗ୍ରାହୀ, ରାଜ କିଶୋର ସାହୁ, ବିଜେଡି ପଞ୍ଚାୟତ ସଭାପତି ଅରବିନ୍ଦ ପଟ୍ଟନାୟକ, କେଶରୀ ବଚ୍ଛା, ସୁରେଶ ପାଣିଗ୍ରାହୀ, ନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଅମ୍ପିଆର ଭାବେ ଅଶ୍ୱିନୀ ମହାନ୍ତି, ଶୁଭେନ୍ଦୁ ପଟ୍ଟନାୟକ ଖେଳ ପରିଚାଳନା କରିଥିବାବେଳେ ଖେଳର ଧାରା ବିବରଣୀ ପ୍ରଦୀପ ପଟେଲ, ପିଣ୍ଟୁ ପଟ୍ଟନାୟକ କରିଥିଲେ ।




# ଫୁପଗାଁ ପାହାଡେଶ୍ୱର ମହାଦେବ ମନ୍ଦିରର ରତ୍ନମୁଦ ଉତ୍ସବ



**କୋକସରା,୨୮ ।୧(ସମିସ):** କୋକସରା ବ୍ଲକ୍ ଫୁପଗାଁଠାରେ ପାହାଡ଼ ଶିଖରରେ ନୂତନ ଭାବରେ ନିର୍ମାଣ କରାଯାଇଥିବା ପାହାଡେଶ୍ୱର ମହାଦେବଙ୍କ ମନ୍ଦିରରେ ରବିବାର ରତ୍ନମୁଦ ଉତ୍ସବ ପାଳିତ ହୋଇଛି । ରାଜୀବ କୁମାର ଅଗ୍ରୱାଲ ସପତ୍ନୀକ ରୀତା ଅଗ୍ରୱାଲ ପୂଜାକର୍ତ୍ତା ଭାବେ ରହି ପୂଜାକାର୍ଯ୍ୟ ସମ୍ପାଦନ ପୂର୍ବକ ମନ୍ଦିରର ରତ୍ନମୁଦ ପାଇଁ ସୁନା, ରୂପା ସହ ବିଭିନ୍ନ ଧାତୁ ଓ ଧାନ ମନ୍ଦିରରେ ଭର୍ତ୍ତି କରିଥିଲେ । ରତ୍ନମୁଦ ଉତ୍ସବରେ ଲକ୍ଷ୍ମଣ ପଟେଲ, ଅରୁଣ ଗୋୟଲ, ସଞ୍ଜୟ ସିଙ୍ଗଲ, ସନ୍ତୋଷ ଦାସ ପ୍ରମୁଖ ସାମିଲ ହୋଇଥିଲେ । ମିସ୍ତ୍ରୀ ଧନଞ୍ଜୟ ସାହୁ ଓ ଭିମ ମିସ୍ତ୍ରୀ ମନ୍ଦିର ନିର୍ମାଣ କାରୁକାର୍ଯ୍ୟ କରିଥିବାବେଳେ ରତ୍ନମୁଦ ଉତ୍ସବକୁ କମିଟିର ଜୟରାମ ପୁଝାରୀ, କାଶୀନାଥ ପୁଝାରୀ, ଭୁବନେଶ୍ୱର ପଟେଲ, ପ୍ରଦୀପ ପଟେଲ, ପ୍ରଭୂଲାଲ ପଟେଲ, ନିଲାମ୍ବର ବାରିକ, ଜଳଧର ପଟେଲ, ବଲରାମ ଶବର, ଖଗେଶ୍ୱର ପୁଝାରୀ, ଶରତ ପୁଝାରୀ, ଲକ୍ଷ୍ମଣ ପଟେଲ, ବିଷ୍ଣୁ ନାଏକ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

## ଡହଗାଁରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**କୋକସରା,୨୮ ।୧(ସମିସ):** କୋକସରା ବ୍ଲକ୍ ଡହଗାଁଠାରେ "ଆମ ଓଡ଼ିଶା ନବୀନ ଓଡ଼ିଶା' ଆନୁକୂଲ୍ୟରେ ବିଭିନ୍ନ ବିଭାଗ ପକ୍ଷରୁ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ଶନିବାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ସରପଞ୍ଚ କୁଞ୍ଜଲତା ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୋଟେର ଜିଲ୍ଲା ପରିଷଦ ସଭ୍ୟା ବୈଜୟନ୍ତି ପୁଝାରୀ ମୁଖ୍ୟ ଅତିଥି, ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିରଞ୍ଚି ଖର୍ସେଲ, ପଙ୍କଜ ପୋଡ଼, ଡହଗାଁ ପାକ୍ସ ସଭାପତି ବ୍ରଜରାଜ ନାଏକ, ସମିତିସଭ୍ୟ ହେମକାନ୍ତ ପୁଝାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଏହି କ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଶିବିରରେ ବିଭିନ୍ନ ବିଭାଗର ଷ୍ଟଲ୍ ଗୁଡ଼ିକ ଖୋଲାଯାଇ ନିଜ ବିଭାଗର ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ସୋରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ମଞ୍ଚକୁ ତିଲ ମହାନନ୍ଦ ପରିଚାଳନା କରିଥିଲେ । ଗ୍ରାମ ରୋଜଗାର ସେବକ ଦୁର୍ଯ୍ୟୋଧନ ଦାସ ସମେତ ସମସ୍ତ ପଞ୍ଚାୟତ କର୍ମଚାରୀ ମାନେ ସହଯୋଗ କରିଥିଲେ ।



## ଆଜି ସୁବର୍ଣ୍ଣପୁର ଆସୁଛନ୍ତି ରାଜ୍ୟପାଳ

**ସୋନପୁର/ବିନିକା, ୨୮।୧(ସମିସ):** ରାଜ୍ୟପାଳ ରଘୁବର ଦାସ ସୋମବାର ଦିନିକିଆ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସୁଛନ୍ତି। ସେ ବଲାଙ୍ଗିରରୁ କାର୍ ଯୋଗେ ଆସି ସୋନପୁରରେ ପହଞ୍ଚି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ସକାଳ ୯ଟା ୪୫ରେ ବଲାଙ୍ଗିରରୁ ହରଡଖୋଲ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ପହଞ୍ଚିବେ। ସେଠାରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ହରଡଖୋଲରୁ ବାହାରି ସୋନପୁର ସର୍କିଟ୍ ହାଉସ୍‌ରେ ସାଢେ ୧୦ଟାରେ ପହଞ୍ଚିବେ। ସର୍କିଟ ହାଉସ୍‌ରୁ କାର୍ ଯୋଗେ ଯାଇ ସୋନପୁର ବ୍ଲକ ଅଧୀନ ରୁଗୁଡିପାଲି ଅଙ୍ଗନବାଡି କେନ୍ଦ୍ରରେ ୧୧ଟାରେ ପହଞ୍ଚିବେ। ଅଙ୍ଗନବାଡି କେନ୍ଦ୍ରରେ ଅଭିଭାବକ ଏବଂ ଅଙ୍ଗନବାଡି କର୍ମୀଙ୍କ ସହ ପୋଷଣ ଯୋଜନା ସମ୍ପର୍କରେ ଆଲୋଚନା କରିବେ। ୧୧ଟା ୩୫ରେ ବାଙ୍କତେନ୍ତୁଳି ଗାଁରେ ପହଞ୍ଚି ଗ୍ରାମବାସୀ ଏବଂ ଚାଷୀଙ୍କ ସହ ଆଲୋଚନା କରିବେ। ପରେ ବିନିକା ବ୍ଲକ କର୍ତ୍ତଙ୍ଗ ଗାଁକୁ ଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କ ସହ ଆଲୋଚନା କରିବେ। ୧୨ଟା ୪୫ରେ କର୍ତ୍ତଙ୍ଗ ହାଇସ୍କୁଲ ପ୍ରତିଷ୍ଠା ମହୋତ୍ସବରେ ଯୋଗଦେବେ। ଦିନ ସାଢେ ଗୋଟାଏରେ ସୋନପୁର ସର୍କିଟ୍ ହାଉସରେ ମଧ୍ୟାହ୍ନ ଭୋଜନ କରି ସାଢେ ୨ଟାରେ ତୁଷୁରା ଏୟାରଷ୍ଟ୍ରିପ୍ ଅଭିମୁଖେ ବାହାରିବେ।

## ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ଉଲୁଣ୍ଡା, ୨୮।୧(ସମିସ):** ଉଲୁଣ୍ଡା ବ୍ଲକ ମାଟୁପାଲିଠାରେ ଗୋପାଳଜୀ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ଆସନ୍ତା ମାସ ୨୫ ତାରିଖରୁ ମନ୍ଦିର ପ୍ରତିଷ୍ଠା ଆରମ୍ଭ ହୋଇ ମାର୍ଚ୍ଚ ୪ ତାରିଖରେ ଶେଷ ହେବ। ତେବେ ଆଶୁତାଷ ପୁରୋହିତ ପୂଜାର୍ଚ୍ଚନା କରିଥିବା ବେଳେ ମନମୋହନ ମିଶ୍ର, ମିନାକ୍ଷୀ ମିଶ୍ର, ଧ୍ରୁବଚରଣ ବ୍ରହ୍ମଚାରୀ, କୁନ୍ତିଲତା ବ୍ରହ୍ମଚାରୀ, ଜ୍ଞାନରଞ୍ଜନ ବ୍ରହ୍ମଚାରୀ ଏବଂ ରେବତୀ ବ୍ରହ୍ମଚାରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

**ହରଭଙ୍ଗା, ୨୮।୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ପୂର୍ବତନ ଚେୟାରମ୍ୟାନ ସନତ ବିଶିଙ୍କ ୮୧ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦୀର୍ଘ ଦିନ ହେଲା ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥାଇ ଶଯ୍ୟାଶାୟୀ ଥିଲେ। ସେ ୧୯୬୬ ମସିହାରେ ତିଳେଶ୍ୱର ହାଇସ୍କୁଲର ପ୍ରତିଷ୍ଠାତା ଓ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ୧୯୬୮ ମସିହାରେ ତିଳେଶ୍ୱର ମଧ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା କରି ସେଠାରେ ମଧ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ ତୁଲାଇ ଥିଲେ। ପରେ ତିଳେଶ୍ୱର ସରପଞ୍ଚ, ୧୯୮୪ରେ ବ୍ଲକ ଅଧକ୍ଷ ଭାବେ କାର୍ଯ୍ୟ ତୁଲାଇଥିଲ। ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

## ଆଇନ୍ ସଚେତନତା ଶିବିର

**ମନମୁଣ୍ଡା/ଶଗଡ଼ା, ୨୮।୧(ସମିସ):** କଣ୍ଢମାଳ ବ୍ଲକ ପଳସାଗୋରା ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା କଣ୍ଢମାଳ ତାଲୁକ ଆଇନ ସେବା ପ୍ରାଧିକରଣ ଚେୟାରମ୍ୟାନ ଶିବ ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସିନିଅର ସିଭିଲ ଜଜ୍ ତପନ ବେହେରା, ପ୍ରଥମ ଶ୍ରେଣୀ ବିଚାରପତି ସତ୍ୟନାରାୟଣ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ସମଲିଙ୍ଗୀ ଅଧିକାର ସୁରକ୍ଷା ଆଇନ, ଭାରତୀୟ ସମ୍ବିଧାନରେ ଦିଆଯାଇଥିବା ମୌଳିକ ଅଧିକାର ଓ କର୍ତ୍ତବ୍ୟ ନେଇ ଅତିଥିମାନେ ଆଲୋଚନା କରିଥିଲେ। ବରିଷ୍ଠ ଓକିଲ କୈଳାଶ ଚନ୍ଦ୍ର ବାରିକ, ପ୍ରତାପ ସାହୁଙ୍କ ସମତେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, କୋର୍ଟର ସମସ୍ତ କର୍ମକର୍ତ୍ତା, ଓକିଲ ଉପସ୍ଥିତ ଥିଲେ। ତାଲୁକ ଆଇନସେବା ପ୍ରାଧିକରଣ କର୍ମଚାରୀ ଜ୍ୟୋତିରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨୦୦୫ ମ୍ୟାଟ୍ରିକ ବ୍ୟାଚର ବନ୍ଧୁମିଳନ

**ଶଗଡ଼ା, ୨୮।୧(ସମିସ) :** ବୌଦ୍ଧ ଜିଲ୍ଲା ସଦର ବ୍ଲକ ଶଗଡ଼ା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ୨୦୦୫ମସିହା ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁ ମିଳନ ଖଣ୍ଡିକନପାଠାରେ ଅନୁଷ୍ଠିତ ହୋଇଯାଇଛି। ରତ୍ନାକର ପ୍ରଧାନ, ପ୍ରହଲ୍ଲାଦ ମହାକୁଡ, ଉମାଶଙ୍କର ଛନ୍ଦ, ସୁଶାନ୍ତ ମନହିରା, ପୂର୍ଣ୍ଣଚନ୍ଦ୍ର ପୋଢ଼, ସ୍ୱେତବସନ୍ତ ଦନ୍ତା, ପ୍ରଭାକର ଖଟୁଆ, ସୁରେନ୍ଦ୍ର ଦେହୁରୀ, ମାନିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଢମାଳ ପଞ୍ଚାୟତ କଲେଜରେ ପ୍ରସ୍ତୁତି ବୈଠକ

**କଣ୍ଢମାଳ, ୨୮।୧(ସମିସ):** କଣ୍ଢମାଳ ପଞ୍ଚାୟତ କଲେଜରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ପ୍ରଭାସିନୀ ଖଟୁଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କଲେଜର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟାପକ ପୌଲସ୍ତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଓଡ଼ିଆ ସାହିତ୍ୟର ପ୍ରଗତି ପାଇଁ ଭାଷାର ବିକାଶ ଜରୁରୀ’

**ସୋନପୁର, ୨୮।୧(ସମିସ)**

ସୋନପୁର ମହିଳା ଡିଗ୍ରୀ କଲେଜରେ ଅନୁଷ୍ଠିତ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏଡିଏମ ସୂର୍ଯ୍ୟନାରାୟଣ ଦାଶ ଯୋଗ ଦେଇ ଓଡ଼ିଆ ସାହିତ୍ୟର ପ୍ରଗତି ପାଇଁ ଓଡ଼ିଆ ଭାଷାର ବିକାଶ ନିହାତି ଜରୁରୀ ବୋଲି ମତ ରଖିଥିଲେ। ପ୍ରତ୍ୟେକ ଓଡ଼ିଆ ଓଡ଼ିଆ ସାହିତ୍ୟ ପଢ଼ିବା ଜରୁରୀ ବୋଲି ସେ କହିଥିଲେ। ପରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଭିମନ୍ୟୁ କୁଶଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ଅଧ୍ୟାପକ ମଦନ ସୁନ୍ଦର କ୍ଷେତୀ ସଂଯୋଜନା କରିଥିଲେ। ଅଧ୍ୟକ୍ଷା ରିତାରାଣୀ ପୁଝାରୀ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ଣ୍ଣିମା ମିଶ୍ର ଓଡିଆ ସାହିତ୍ୟର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପିକା ସଞ୍ଜୁ ରାଣୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

**ବିନିକା:** ସ୍ଥାନୀୟ ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ୧୨ ଦିନ ଧରି ଚାଲିଥିବା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ଧୀରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ ରାମପୁର କଲେଜର ପୂର୍ବତନ ଅଧକ୍ଷ ତଥା ଗବେଷକ ଡ. ରାମେଶ୍ୱର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ସମ୍ମାନିତ



ଅତିଥି ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପକ ରୁଦ୍ର ନାରାୟଣ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଆ କବିତା ଲିଖନ, କ୍ଷୁଦ୍ର ଗଳ୍ପ ରଚନା, ପ୍ରବନ୍ଧ ଲିଖନ, ବକ୍ତୃତା, କବିତା ପାଠ, ସାଧରଣ ଜ୍ଞାନ, ଓଡ଼ିଆ ଭଜନ ଗାନ, ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା ହୋଇଥିଲା। ଏଥିରେ ଭାଗ ନେଇ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଏବଂ ସାଂସ୍କୃତିକ ଚାମ୍ପିଅନ ଶଶାଙ୍କ ଶେଖର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଅଧ୍ୟାପକ ଭଗବାନ ସାହୁ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ପ୍ରମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନାଗରିକ କମିଟିର କାର୍ଯ୍ୟକାରିଣୀ ବୈଠକ




**ବଲାଙ୍ଗିର, ୨୮।୧ (ସମିସ):** ଜେଏସଏମ ମହାବିଦ୍ୟାଳୟରେ ନାଗରିକ କମିଟିର କାର୍ଯ୍ୟକାରିଣୀ ବୈଠକ ସଭାପତି ଇଂ ବେଲାର ସିଂ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ପୂର୍ବ ବିବରଣୀ ପାଠ କରି ବିଭିନ୍ନ ପ୍ରସ୍ତାବ ଗୃହରେ ଆଗତ କରିଥିଲେ। ଡା. ପ୍ରିୟବ୍ରତ ରଥ ଓ ଡା. ରାଧାକାନ୍ତ ମିଶ୍ରଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଆସନ୍ତା ୨୫ ତାରିଖରେ ହେବାକୁ ଯାଉଥିବା କମିଟିର ନିର୍ବାଚନ ସମ୍ପର୍କରେ ଓ ପରିଚାଳନା କରିବା ପାଇଁ ନିର୍ବାଚନ ଅଧିକାରୀ ଅଶୋକ ମିଶ୍ର ଆଲୋଚନା କରିଥିଲେ। ଏଥିରେ କୋଷାଧ୍ୟକ୍ଷ ଗଜେନ୍ଦ୍ର ଭମର, ପଙ୍କଜିନୀ ପଣ୍ଡା, ଗୋପଭୂଷଣ ନାଥ, ଜୟରାମ ମିଶ୍ର, ମନୋରଞ୍ଜନ ପୁରୋହିତ, ବିମଳ ଚୋପଦାର, ଦିବାକର ହୋତା, ପର୍ଶୁରାମ ନାୟକ, ଗୋପବନ୍ଧୁ ପୁରୋହିତ ଓ ସଲିମ ଖାନ ଅଂଶଗ୍ରହଣ କରିଥିଲେ। ଉପସଭାପତି ନିତ୍ୟାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୩ୟ ଓଡ଼ିଶା ରାଜ୍ୟସ୍ତରୀୟ ଗୀତା ଜ୍ଞାନ ପରୀକ୍ଷା

**ବୌଦ୍ଧ, ୨୮।୧ (ସମିସ):** ଅନ୍ତର୍ଜାତୀୟ କ୍ରିୟାଯୋଗର ମୁଖ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶାସ୍ତ୍ର ଓ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରଜ୍ଞାନ ମିଶନ ଦ୍ୱାରା ୩ୟ ଓଡ଼ିଶା ରାଜ୍ୟସ୍ତରୀୟ ଗୀତା ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ୭୧ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ଏହି ପରୀକ୍ଷାରେ ୬ ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଆବେଦନ କରିଥିଲେ। ଶ୍ରୀମଦ୍ ଭଗବଦ ଗୀତାର ତୃତୀୟ ଅଧ୍ୟାୟ କର୍ମଯୋଗ ଉପରେ ଆଧାରିତ ଏହି ପରୀକ୍ଷାରେ ଛାତ୍ରଛାତ୍ରୀ ୩ଟି ବିଭାଗରେ ପରୀକ୍ଷା ଦେଇଥିଲେ। ବୌଦ୍ଧ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପରୀକ୍ଷାର୍ଥୀ ଏହି ଗୀତା ଜ୍ଞାନ ପରୀକ୍ଷାରେ ଯୋଗ ଦେଇଥିଲେ। ଏଥିରେ ୭୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସ୍ତରରେ ଅନୁଷ୍ଠିତ ଏହି ପରୀକ୍ଷାକୁ ଜିଲ୍ଲା ସଂଯୋଜକ ଶିବଦତ୍ତ ପଟ୍ଟନାୟକ, ସୌମିତ୍ରୀ ପଲିଆ ପରିଚାଳନା କରିଥିଲେ। ରବୀନ୍ଦ୍ରନାଥ ଗୁରୁ, ନନ୍ଦକିଶୋର ସାହୁ, ସମୀର ସାହୁ, ପ୍ରାଣବନ୍ଧୁ ମହାପାତ୍ର ଓ ଶ୍ରୀମନ୍ତ ନୟକ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପରୀକ୍ଷାର୍ଥୀ ବର୍ଷେ ପାଇଁ ବୃତ୍ତି ଦିଆଯିବ। ରାଜ୍ୟସ୍ତରରେ ୨୪ ଜଣ କୃତି ପରୀକ୍ଷାର୍ଥୀଙ୍କୁ ପୁରସ୍କାର, ମାନପତ୍ର ଓ ବୃତ୍ତି ପ୍ରଦାନ କରାଯିବ। ପ୍ରତି ଜିଲ୍ଲାରୁ ଅଧିକ ନମ୍ବର ରଖିଥିବା ୨ ଜଣ ପରୀକ୍ଷାର୍ଥୀଙ୍କୁ ମଧ ପୁରସ୍କାର, ପ୍ରମାଣପତ୍ର ଓ ବୃତ୍ତି ପ୍ରଦାନ କରାଯିବ।

## ବୌଦ୍ଧଜିଲ୍ଲା ବାରିକ ସଂଘର ସାଧାରଣ ପରିଷଦ ବୈଠକ

**ବୌଦ୍ଧ, ୨୮।୧(ସମିସ):** ବୌଦ୍ଧ ଜିଲ୍ଲା ବାରିକ ସଂଘ ପ୍ରଥମ ସାଧାରଣ ପରିଷଦ ବୈଠକ ହନୁମାନ ମନ୍ଦିର ନିକଟସ୍ଥ ବିଶ୍ରାମାଗାରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବେଣୁଧର ସାମଲଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସମ୍ପାଦକ ତନୁଜ ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ସନ୍ତୋଷ ବାରିକ, କୋଷାଧ୍ୟକ୍ଷ ଶ୍ରବଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଉପଦେଷ୍ଟା ତପନ ବାରିକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

**ଉଲୁଣ୍ଡା, ୨୮।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସିଣ୍ଢୋଳ ହାଟ ପଡ଼ିଆରେ ରବିବାର ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, କୃତ୍ତିବାସ ମିଶ୍ର, ବିଡିଓ କରିସ୍ମା ବେଶ୍ରା, ସିଣ୍ଢୋଳ ସରପଞ୍ଚ ପ୍ରଦୀପ ଦେହେରୀ, କନିଷ୍ଠ ଯନ୍ତ୍ରୀ ବିଜୟ ପୁତ୍ତି, ସିଣ୍ଢୋଳ ସମିତିସଭ୍ୟ ହୃଦାନନ୍ଦ ମେହେର, ଚଡାଇପଙ୍କ ସରପଞ୍ଚ ଦେବଦତ୍ତ ପର୍ଢ଼ିଆ, ଏସ ପତ୍ରାପାଲି ସମିତିସଭ୍ୟ ମହେନ୍ଦ୍ର ମହାଲିଙ୍ଗ, ବିସିପଡ଼ା ସମିତିସଭ୍ୟ କରୁଣାକର ଖେତି, ଏସ ପତ୍ରାପାଲି ସରପଞ୍ଚ ସନାତନ ମହାଲିଙ୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ପିଇଓ ଦୁର୍ଗାପ୍ରସାଦ ମିଶ୍ର ଏବଂ ପୂର୍ଣ୍ଣଚନ୍ଦ୍ର ପୁରୋହିତ ମଞ୍ଚ ପରିଚାଳନା କରିଥିବା ବେଳେ ସଞ୍ଜୟ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




## ବୌଦ୍ଧ କଲଚରାଲ ଏକାଡେମୀର ମାସିକ କବିତା ପାଠୋତ୍ସବ




**ବୌଦ୍ଧ, ୨୮।୧(ସମିସ):** ସ୍ଥାନୀୟ ଟୁଟୁସିଙ୍ଗା ପଞ୍ଚାୟତ ହାଇସ୍କୁଲ ପରିସରରେ ବୌଦ୍ଧ କଲଚରାଲ ଏକାଡେମୀର ମାସିକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ଉପସଭାପତି ତଥା ସ୍ତମ୍ଭକାର ଶିଶୁ ସାହିତ୍ୟିକ ଧ୍ରୁବଚରଣ ଘିବେଲା ସଭାପତିତ୍ୱ କରିଥିଲେ। ବରିଷ୍ଠ ଅଧିବକ୍ତା ସୁଧୀର କର୍ଣ୍ଣ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟର ବିକାଶ ପାଇଁ ନିୟମିତ ଲେଖିବା ଆବଶ୍ୟକ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥି ଭାବେ ଆଠମଲ୍ଲିକ ମହେନ୍ଦ୍ର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ନାୟକ ବିଭିନ୍ନ କବିଙ୍କ କବିତାକୁ ଉଦାହରଣ ଦେଇ ସଂସ୍କାର ମୂଳକ ଲେଖା ଲେଖିବାକୁ ମତ ରଖିଥିଲେ। ସମ୍ପାଦକ ରମେଶ ମେହେର ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ରଖିଥିଲେ। ଯୁବକବି ନିବାସ ନାୟକ କବିତା ପାଠୋତ୍ସବରେ ସଂଯୋଜନା କରିଥିଲେ। କବି କାର୍ତ୍ତିକେଶ୍ୱର ନାଏକ, ଗୋଲକ ବିହାରୀ ସାହୁ, ରଶ୍ମିତା ବେହେରା, ରାଜକୁମାର ପ୍ରଧାନ, ଚିତ୍ତରଞ୍ଜନ ବେହେରା, ଅନାଦି ଚରଣ ବେହେରା, ସତ୍ୟନାରାୟଣ ଦେହୁରୀ, ଟଙ୍କଧର ସାହୁ, ଧ୍ରୁବଚରଣ ଘିବେଲା, ହିମାଞ୍ଚଳ ପ୍ରଧାନ, ରମେଶ ପ୍ରସାଦ ମେହେର, ନିବାସ ନାୟକ, ଦେବରାଜ ନାୟକ, ତପନ ନାୟକ, ରାଧାମୋହନ ମହାରଣା ପ୍ରମୁଖ କବିତା ପାଠ କରିଥିଲେ। ଯୁବ କବି ଚିତ୍ତରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ‘ନାଟ୍’ର କର୍ମକର୍ତ୍ତା ନିର୍ବାଚନ

**ସୋନପୁର, ୨୮।୧ (ସମିସ):** ନାଟକ, ସାହିତ୍ୟ ଓ ସମାଜସେବା ପାଇଁ ସମର୍ପିତ ସୁବର୍ଣ୍ଣପୁରର ଅନୁଷ୍ଠାନ ନୋଡ଼ାଲ ଏସୋସିଏସନ ଫର୍ ଆମେଚ୍ୟୋର ଥିଏଟର (ନାଟ)ର ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ସରକାରୀ ନର୍ସରୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାଟ୍‌ର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନରେନ୍ଦ୍ର ଚାନ୍ଦ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବିଶିଷ୍ଟ ଚଳଚିତ୍ର ନିର୍ଦ୍ଦେଶକ ଡ. ସବ୍ୟସାଚୀ ମହାପାତ୍ର ନାଟର ରାଷ୍ଟ୍ରୀୟ ଅଧକ୍ଷ୍ୟ ଭାବେ ଶୋଭାମଣ୍ଡନ କରିଥିବା ବେଳେ ପୁଣି ଥରେ ବିଶିଷ୍ଟ ନାଟ୍ୟକାର ତଥା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ସାହୁ ସର୍ବସମ୍ମତି କ୍ରମେ ନାଟ୍‌ର କାର୍ଯ୍ୟକାରୀ ସଭାପତି ଏବଂ ବିଶିଷ୍ଟ ସଂଗଠକ ବନମାଳି ପଣ୍ଡା ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଠିକ୍ ସେହିପରି ଶୈଳେନ୍ଦ୍ର ବସ୍ତିଆ ଉପ ସଭାପତି, ଅବିନାଶ ହୋତା ସଂସ୍କୃତି ସମ୍ପାଦକ, କବି ନରେନ୍ଦ୍ର ଭୋଇ ସାହିତ୍ୟ ସମ୍ପାଦକ, ସଞ୍ଜୟ ପଣ୍ଡା ସମାଜସେବା ସମ୍ପାଦକ ଏବଂ ଜ୍ୟୋତି ବିକାଶ ମିଶ୍ର କୋଷାଧକ୍ଷ୍ୟ ଭାବେ ମନୋନୀତ ହୋଇଛନ୍ତି। ଅଜିତ ମେହେର, ଗତିକୃଷ୍ଣ ବଣିଆଁ, ସନ୍ତୋଷ ମିଶ୍ର, ବିଶ୍ୱଜିତ ମହାପାତ୍ର ଓ ଅମୀୟ ରଞ୍ଜନ ଦାଶ କାର୍ଯ୍ୟକାରୀ ସମିତି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ସଂସ୍କୃତି ଅନ୍ତରୀଣ କମିଟିକୁ ନୂତନ ଭାବେ ଚିନ୍ମୟ ରଥ, ସମୀର ସାହୁ, ଦେବାଶିଷ ପଟ୍ଟନାୟକ, ଶିବଦତ୍ତ ଚାନ୍ଦ, ସାହିତ୍ୟ ଅନ୍ତରୀଣ କମିଟିକୁ କ୍ଷୀରୋଦ ବିହାରୀ ବିଶ୍ୱାଳ, ଲକ୍ଷ୍ମୀ ନାରାୟଣ ସାହୁ, ଦିଲ୍ଲୀପ ମହାନ୍ତି, ସମାଜସେବା ଅନ୍ତରୀଣ କମିଟିକୁ ସବିତା ସାହୁ, ଶୈବାଳୀ ଦାଶ ଓ ହରିପ୍ରିୟା ପାଣିଗ୍ରାହୀ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ପ୍ରଜ୍ଞା ପରିମିତା ଦାଶ ସମାଜସେବା ଅନ୍ତରୀଣ କମିଟିର କାର୍ଯ୍ୟ ନିର୍ବାହୀ ଆବାହିକା ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ସୁଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଘନ ପ୍ରଣାଳୀରେ ମାଣ୍ଡିଆ ତଳି ରୋପଣ

**ହରଭଙ୍ଗା, ୨୮।୧ (ସମିସ):** ଓଡ଼ିଶା ମିଲେଟ ମିଶନ ସହାୟତାରେ ଏଲ୍‌କେବିକେ ଅନୁଷ୍ଠାନ ତରଫରୁ ହରଭଙ୍ଗା ବ୍ଲକ ଗାଁ ଗାଁରେ ମାଣ୍ଡିଆ ଚାଷ ପାଇଁ ଚାଷୀଙ୍କୁ ସଚେତନ କରାଯାଇଛି। ସରସରାରେ ମହିଳାମାନେ ସଘନ ପ୍ରଣାଳୀରେ ମାଣ୍ଡିଆ ତଳି ରୋପଣ କରିଛନ୍ତି। ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ, ଗୋଷ୍ଠୀ କୃଷି ଅଧିକାରୀ ସବ୍ୟସାଚି ଦାସ, ସହକାରୀ କୃଷି ପ୍ୟାରୀମୋହନ ପୁରୋହିତ ତଥା ଗ୍ରାମ୍ୟ କୃଷି କର୍ମଚାରୀ କାମିନୀ ପଧାନ, ରଶ୍ମିତା ଭୋଇ ପରିଦର୍ଶନ କରିଥିଲେ। ଏହି ମାଣ୍ଡିଆ ତଳି ରୋପଣକୁ ଓଡ଼ିଶା ମିଲେଟ ମିଶନ ହରଭଙ୍ଗା ବ୍ଲକ ସଂଯୋଜକ ସୀତାକାନ୍ତ ସାହୁ, ଅମରେନ୍ଦ୍ର ଭୋଇ, ପୁନିଆ ସାହୁ ତଦାରଖ ଓ ସହଯୋଗ କରିଥିଲେ।

## ‘ମୁଗଡାଲିର ବାସ୍ନା’ ଉନ୍ମୋଚିତ

**ସୁବଲୟା, ୨୮।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର ପାତାଳି ଶ୍ରୀକ୍ଷେତ୍ରର ମାଧବ ଗୁମ୍ଫା ନିକଟରେ ସପ୍ତଦୀପା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ ଅବସରରେ ଗାଳ୍ପିକ ଅଧ୍ୟାପକ ଯଜ୍ଞେଶ୍ୱର ବିଶିଙ୍କ ଗଳ୍ପ ସଂକଳନ ‘ମୁଗଡ଼ାଲିର ବାସ୍ନା’ ଉନ୍ମୋଚିତ ହୋଇଛି। ଅତିଥି ଭାବେ ଆର୍ତ୍ତତ୍ରାଣ ବାବୁ, ଯୋଗେନ୍ଦ୍ର ପଣ୍ଡା, ଡକ୍ଟର ଅନିରୁଦ୍ଧ କୁରକୁରିଆ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱୀତିକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଧ୍ରୁବ ଚରଣ ଖେତି, ଅନ୍ତର୍ଯ୍ୟାମୀ ରଥ, ଧର୍ମ ଶତପଥୀ, ଭଗବାନ ବାଘ, ସବିତା ହୋତା, ବଂଶୀଧର ପଣ୍ଡା, ପ୍ରହଲ୍ଲାଦ ନାଏକ, ବିଜୟ ହୋତା, ପଦ୍ମନାଭ ପଣ୍ଡା, ଅକ୍ଷୟ ରାଏ, ପଦ୍ମନାଭ ବାରିକ, ଶ୍ୟାମଗୋପାଳ ହୋତା ପ୍ରମୁଖ କବିତା ପାଠ କରିଥିଲେ। ଅକ୍ରୁର ହୋତା ଓ ଲକ୍ଷ୍ମୀ ସାହୁ ସଂଯୋଜନା କରିଥିଲେ। କମ୍ବୁଧର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# କିଟ୍ ଓ କିସ୍ ପକ୍ଷରୁ ବୌଦ୍ଧରେ ମିନି ମାରାଥନ୍

**ବୌଦ୍ଧ, ୨୮।୧(ସମିସ)**

‘ସମସ୍ତଙ୍କ ପାଇଁ ଶିକ୍ଷା’ ବାର୍ତ୍ତା ନେଇ ଏକ ମିନି ମାରାଥନ କିଟ୍ କିସ୍ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମର୍ଜାକୁଦ ବ୍ରିଜ ଛକରେ ମନ୍ତ୍ରୀ ପ୍ରଦୀପ ଅମାତ ସବୁଜ ପତାକା ଦେଖାଇ ଏହି ମିନି ମାରାଥନର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂ, ଅଧ୍ୟାପକ ପ୍ରବୀର ଦାସ, ପୂର୍ବତନ ଏନଏସି ଅଧକ୍ଷ ନିବାସ ଚନ୍ଦ୍ର ଦାନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗଣ ଦୌଡରେ କେନ୍ଦ୍ରୀୟ ବିଦ୍ୟାଳୟ, ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ଜାନକୀ ବିହାରୀ ଉଚ୍ଚ ବିଦ୍ୟାଳୟ, ବୌଦ୍ଧ ପଞ୍ଚାୟତ କଲେଜ, ମହିଳା ମହାବିଦ୍ୟାଳୟ, ଆଇଟିଆଇ ଛାତ୍ରଛାତ୍ରୀ ସହରର ବିଭିନ୍ନ ଛକ ଦେଇ ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ପହଞ୍ଚିଥିଲେ। କିସ୍ ବୌଦ୍ଧ ଜିଲ୍ଲା ସହ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ବେହେରା ପରିଚାଳନା କରିଥିଲେ।

**ଘଣ୍ଟାପଡ଼ା:** ଘଣ୍ଟାପଡ଼ା ଡିଗ୍ରୀ କଲେଜରେ ମଧ୍ୟ ଏକ ମିନି ମାରାଥନର ଆୟୋଜନ ହୋଇଥିଲା। ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ ଓ ବ୍ଲକ ମିଳିତ ଶିକ୍ଷକ ସଂଘର ସଭାପତି ନିଳାଚଳ ଭୋଇ ସବୁଜ ପତକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରାୟ ୨୦୦ରୁ ଅଧିକ ଛାତ୍ରଛାତ୍ରୀ କଲେଜରୁ ସାମିଲ ହୋଇଥିଲେ। ଘଣ୍ଟାପଡ଼ା ବଜାର, ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ହୋଇ ପୁଣି କଲେଜକୁ ଫେରିଥିଲେ। ଶମ୍ଭୁପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସୁଧାଂଶୁ ଶେଖର ରଣା, ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ଶିକ୍ଷାବିତ ନିଳାଚଳ ଭୋଇ, କଲେଜ ପରିଚାଳନା ସଭାପତି କାର୍ତ୍ତିକେଶ୍ୱର ବେହେରା, ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, ବିଜେଡି ଜିଲ୍ଲା ସଂଯୋଜନ ପ୍ରଶାନ୍ତ ରଣା, ବ୍ଲକ ବିଜେଡି ସଭାପତି ପ୍ରେମରାଜ ରଣା, ପୂର୍ବତନ ବ୍ଲକ ଅଧକ୍ଷ ସାମନ୍ତ ମାଝୀ, କଲେଜ ଅଧକ୍ଷ ଗିରିଧର ଦେହୁରୀ, ସମୀର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଶିବ ଶଙ୍କର କାଲସେ ସଭା ପରିଚାଳନା କରିଥିବା ବେଳେ ଉମେଶ ରଣା ଧନ୍ୟବାଦ ଦେଇଥିଲେ।



# କିଟ୍ ଓ କିସ୍ ପକ୍ଷରୁ ଷଷ୍ଠ ମିନି ମାରାଥନ

**ଭବାନୀପାଟଣା, ୨୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଠାରେ କିଟ୍ ଓ କିସ୍ ପରିବାର ଓ ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ତରଫରୁ ମିନି ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମା ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରର ପିତାମ୍ବର ଭୋଇ, ଭବାନୀପାଟଣା ମ୍ୟୁନିସିପାଲିଟି ଅଧ୍ୟକ୍ଷା ସଂଯୁକ୍ତା ବେହେରା ମିନି ମାରାଥନର ଶୁଭାରମ୍ଭ କରିଥିଲେ । ସଂଯୁକ୍ତା ବେହେରା, ସମ୍ମାନିତ ଅତିଥି ଭାବରେ ପ୍ରଗତି କଲେଜ ଅଧ୍ୟକ୍ଷ ଇଂ. ଅଜୟ କୁମାର ପଣ୍ଡା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ଅବିନାଶ ଠାକୁର, ଡି ଶ୍ୟାମ, ମହମ୍ମଦ କାଦିର, ବାଲ ଗୋପାଳ ସେବା ନିକେତନ ପ୍ରତିଷ୍ଠାତା ହେମନ୍ତ ମୁଣ୍ଡ ଏବଂ କିସ କଳାହାଣ୍ଡି ଆସିସଷ୍ଟାଣ୍ଡ ସି.ଇ.ଓ ଦୁଷ୍ମନ୍ତ ପଧାନ ଯୋଗ ଦେଇଥିଲେ ।




# ଦୁରାରୋଗ୍ୟ ରୋଗରେ କାଳ କାଟୁଛନ୍ତି ପଦ୍ମକେଶରୀ

**ନୂଆପଡ଼ା/କୋମନା, ୨୮ ।୧(ସମିସ)**

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ ବୁଢ଼ିକୋମନା ପଞ୍ଚାୟତର ଡୋଙ୍ଗରି ପାଲି ଗ୍ରାମର ପଦ୍ମକେଶରୀ ହାତୀ(୬୪) ଆଜିକୁ ବର୍ଷେ ହେବ କୌଣସି ଏକ ଦୂରାରୋଗ୍ୟ ରୋଗରେ ପୀଡ଼ିତ ଥିବାବେଳେ ତାଙ୍କ

## ଚିକିତ୍ସାପାଇଁ ଅର୍ଥ ନାହିଁ

ପରିବାରଲୋକ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ରହିଥିବାରୁ ଦିନକୁ ଦୁଇଓଳି ଚୂଲି ଜଳିବା ଏକ ପ୍ରକାର ମୁସ୍କିଲ ହୋଇପଡ଼ିଛି । ପଦ୍ମକେଶରୀଙ୍କ ପରିବାର କହିଲେ ତାଙ୍କର ପ୍ରଥମ ସ୍ତ୍ରୀଙ୍କ କୌଣସି କାରଣରୁ ମୃତ୍ୟୁ ହେବାପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଦେଖାସୁଣା କରିବାକୁ ଦ୍ୱିତୀୟ ସ୍ତ୍ରୀ ବିବାହ କରିଥିଲେ । ତାଙ୍କ ଔରସରୁ ଗୋଟିଏ ଝିଅ ରହିଛି । ଏଭଳି ସ୍ଥିତିରେ ପୂର୍ବରୁ କୌଣସି କୁଲି ମଜୁରୀ କରି ପେଟ ପୋଷୁଥିଲେ ପଦ୍ମଙ୍କ ପରିବାର । ହେଲେ ହଠାତ ତାଙ୍କ ପରିବାର ଉପରେ ଦୁଃଖର ବୋଝ କଟାଡି ହୋଇଗଲା । ପଦ୍ମଙ୍କ ଦେହ ହଠାତ ଖରାପ ହୋଇପଡ଼ିଲା । ବହୁ ଦୂରଦୂରାନ୍ତକୁ ଚିକିତ୍ସା ପାଇଁ ଗଲେ ମଧ୍ୟ କୌଣସି ନିରାକରଣ ହେଲା ନାହିଁ । ଚିକିତ୍ସା ଖର୍ଚ୍ଚ ନାଁରେ ଘରର ସବୁ ଆସବାବ ବିକ୍ରି କରିସାରିଲେଣି । ବର୍ତ୍ତମାନ ତାଙ୍କର ମାସିକ ଭତ୍ତା ଟଙ୍କା ଟିକକ ଭରସା ରହିଛି । ଖାଦ୍ୟ ସୁରକ୍ଷା ଯୋଜନା କହିଲେ ପଦ୍ମଙ୍କୁ କେବଳ ମାସିକ ୫କିଗ୍ରା ଚାଉଳ ମିଳୁଛି । ତାଙ୍କ ସ୍ତ୍ରୀ ମୁଙ୍ଗେ ଏବଂ ଝିଅଙ୍କ ନାମ ଖାଦ୍ୟ ତାଲିକାରେ ସଂଯୋଗ ହୋଇ ପାରୁ ନ ଥିବାରୁ ଚାଉଳ ମିଳୁନାହିଁ । ମାତ୍ର ୫କିଗ୍ରା ଚାଉଳରେ



କିପରି ତାଙ୍କର ତିନି କୁଟୁମ୍ବ ପ୍ରାଣୀଙ୍କର ପେଟ ପୂରିବ । ଏଥିପାଇଁ ବାରମ୍ବାର ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟ ଦୌଡ଼ୁଥିଲେ ମଧ୍ୟ କୌଣସି ଉପଚାର ହୋଇପାରୁ ନାହିଁ । ଏଭଳି ସ୍ଥିତିରେ ଦିନକୁ ଦିଓଳି ଯୋଗାଡ କରିବା ମୁସ୍କିଲ ହେଲାଣି । ସ୍ଥାନୀୟ ବନ୍ଧୁ ବାନ୍ଧବଙ୍କ ସହାୟତାରୁ ଚଳୁଥିବା କୋହ ଭରା କଣ୍ଠରେ କହିଛନ୍ତି ପଦ୍ମ କେଶରୀ । ତାଙ୍କୁ ଠିକ ସମୟରେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ । ଦୀର୍ଘ ଆଠ ମାସ ଧରି ଏହା ବିନା କାରଣରୁ ବନ୍ଦ ହୋଇପଡ଼ିଥିଲା । ସରପଞ୍ଚଙ୍କ ନିକଟରେ ଦାବି କରିବା ପରେ ଦୀର୍ଘ ଦିନ ପରେ ଟଙ୍କା ମିଳିଛି । ତାଙ୍କ ପାଇଁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରିବା ସହ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାରେ ପରିବାରର ସମସ୍ତ ସଦସ୍ୟଙ୍କୁ ସାମିଲ କରିବାକୁ ଦାବି କରିଛନ୍ତି ।

# ଶିକ୍ଷକ ପ୍ରଶାନ୍ତ ଦଣ୍ଡସେନାଙ୍କ ପରଲୋକ

**ମ.ରାମପୁର, ୨୮ ।୧(ସମିସ):** ଶିକ୍ଷକ ପ୍ରଶାନ୍ତ ଦଣ୍ଡସେନାଙ୍କୁ କଳାହାଣ୍ଡି ଜିଲ୍ଲା ମ.ରାମପୁର ଗୌଡ଼ ପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରା ଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅପରାହ୍ନରେ ମର ଶରୀର କୁ ନିଜ ବାସ ଭବନକୁ ଅଣାଯାଇଥିଲା । ବହୁ ସଂଖ୍ୟାରେ ଶିକ୍ଷକ, ଶିକ୍ଷୟିତ୍ରୀ ଶେଷ ଦର୍ଶନ କରିଥିଲେ । ମ, ରାମପୁର ବ୍ଲକ ଶିକ୍ଷକ ସଂଘ ସଭାପତି ବିଭୂତି ଭୂଷଣ ପ୍ରହରାଜ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ଙ୍କ ସମେତ ଅନେକ ଶିକ୍ଷକ, ବୁଦ୍ଧିଜୀବୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଏହି ବ୍ଲକ ଅନ୍ତର୍ଗତ ନୁନ୍‌ପୁର ପଞ୍ଚାୟତ ଢେକୁନ କୁପା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ ।

# ଓଡ଼ିଆ ଭାଷା, ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଆଲୋଚନା

**ଥୁଆମୂଳ ରାମପୁର, ୨୮ ।୧(ସମିସ):** ରାଜ୍ୟ ସରକାର ଓଡ଼ିଆ ଭାଷା, ସାହିତ୍ୟ ଏବଂ ଜଗନ୍ନାଥ ସଂସ୍କୃତିକୁ ବିଶ୍ୱସ୍ତରରେ ସ୍ୱତନ୍ତ୍ର ପରିଚୟ ଦେବା ସହିତ ଏହାର ସୁରକ୍ଷା ତଥା ପ୍ରଚାରପ୍ରସାର ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି ।



ମାତୃଭାଷା ସହିତ ଜଗନ୍ନାଥ ସଂସ୍କୃତି ହେଉଛି ଓଡିଆ ମାଟିର ଏକ ମହାନ ପରମ୍ପରା ଏବଂ ଐତିହ୍ୟ ମଧ୍ୟ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଓଡ଼ିଆ ଭାଷାରେ ବକ୍ତୃତା, ପ୍ରବନ୍ଧ ଲିଖନ, କବିତା ଆବୃତ୍ତି, ଗଳ୍ପ ଲିଖନ, ସଂଳାପ, ଭଜନ/ଜଣାଣ, ଚିତ୍ରାଙ୍କନ, ଲୋକନୃତ୍ୟ, ଲକ୍ଷ୍ମୀ ପୁରାଣ ଓ ଭାଗବତ ପାଠ, କବିତା ଲିଖନ, ଓଡ଼ିଆ ହସ୍ତାକ୍ଷର ଲିଖନ ପ୍ରତିଯୋଗିତା ଓ ଓଡ଼ିଆ ଭାଷା ସାହିତ୍ୟ ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା ଚକ୍ର ଆୟୋଜିତ ହୋଇଛି । ଉଦ୍‌ଯାପନୀ ଅବସରରେ ଦୁଇଜଣ ସାରସ୍ୱତ ସାଧକ ଯୋଗଦେଇ ଭାଷା ସାହିତ୍ୟ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାରପ୍ରାପ୍ତ ଗାଳ୍ପିକ ଡିଲେଶ୍ୱର ରଣା ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ବିକାଶ ପାଇଁ ବହୁ ପରିମାଣରେ ଓଡ଼ିଆ ପୁସ୍ତକ ଅଧ୍ୟୟନ ଓ ଓଡ଼ିଆ ଭାଷାର ବହୁଳ ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ବିଶିଷ୍ଟ ଗବେଷକ ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ସତ୍ୟନାରାୟଣ ମହାପାତ୍ର ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସତ୍ୟନାରାୟଣ ମୁଣ୍ଡଛିନା ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ବତ୍ସ ବାହାନ ବୁଦ୍ଧିଆ ସଭା ପରିଚାଳନା କରିଥିଲେ । ଅଧ୍ୟାପକ ସରୋଜ କୁମାର ପଟ୍ଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ । କ୍ରୀଡ଼ା ଶିକ୍ଷକ ବନବିହାରୀ ପରିଡ଼ା ସଞ୍ଚାଳନ କରିଥିଲେ ।

# ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

**ଜୟପାଟଣା, ୨୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ କୁଚାଗାଁ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶରୀ ଯୋଗ ଦେଇଥିବାବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ରାଉତ, ସରପଞ୍ଚ ଅଷ୍ଟମୀ ଦୁର୍ଗା, ନାଏବ ସରପଞ୍ଚ ଶ୍ରୀରାମ ଶବର, ନବୀନ ଦାସ, ଫକୀର ଦାସ, ରାଜା ଛତ୍ରୀଆ, ସମସ୍ତ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ଦୈତାରି ଖମାରୀ ଓ ଗ୍ରାମରୋଜଗାର ସେବକ ପ୍ରଶାନ୍ତ ବେଶ୍ରା କାର୍ଯ୍ୟ ସମ୍ପାଦନ କରିଥିଲେ ।



# ଧୁମ୍‌ଧାମରେ ପାଳିତ ହେଲା ପୁଷ୍‌ପୁନୀ

**କେସିଙ୍ଗା, ୨୮ ।୧(ସମିସ):** ମୁମ୍ବାଇ ଓ ଜୁହାର ଫାଉଣ୍ଡେସନ ପକ୍ଷରୁ ପୁଷପୁନୀ ତିହାର ପାଳନ ବମ୍ବେସ୍ଥିତ ୱାଶି ରେଟାରି କ୍ଲବ୍‌ରେ କରାଯାଇଛି । ପଶ୍ଚିମ ଓଡ଼ିଶା ପରିବାର ସଦସ୍ୟମାନେ ପୁଷପୁନୀ ପାଳନ କରିଛନ୍ତି । ସତ୍ୟ ନାରାୟଣ ପଣ୍ଡା ଏବଂ ଗୀତା ମେହେର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଦୀପକ ପୂଜାରୀ, କାବିତା ସାହାଣୀ ଏବଂ ପ୍ରଣବ ଭୋକ୍ତା ପରିଚାଳନା କରିଥିଲେ ।

# ଯାଦବ ମହାସଭା ସାଧାରଣ ବୈଠକ ଓ କର୍ମକର୍ତ୍ତା ଚୟନ

**ଧର୍ମଗଡ଼, ୨୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଯାଦବ ମହାସଭା ଅଭ୍ୟର୍ଥନା କମିଟିର ସଭାପତି ସୁରେଶ ଚନ୍ଦ୍ର ଭଇଁସାଲଙ୍କ ସଭାପତିତ୍ୱରେ ଛେଣ୍ଡିଆ ଶ୍ରୀରାମପୁର ଶ୍ରୀକୃଷ୍ଣ ସଂସ୍କାର କେନ୍ଦ୍ରଠାରେ ଏକ ବ୍ଲକସ୍ତରୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଧର୍ମଗଡ଼ ବ୍ଲକର ଅନେକ ଆଞ୍ଚଳିକ କର୍ମକର୍ତ୍ତା, ଯାଦବ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ । ବୈଠକରେ ଧର୍ମଗଡ଼ ବ୍ଲକ ଯାଦବ ମହାସଭା ସଭାପତି ଭାବେ ସୁରେଶ ଚନ୍ଦ୍ର ଭଇଁସାଲ, ଉପସଭାପତି ପ୍ରମୋଦ ହଂସ, ସମ୍ପାଦକ ଅରକ୍ଷିତ ଭଇଁସାଲ, ଯୁଗ୍ମ ସମ୍ପାଦକ ଏକାଦଶୀ ଗୋପାଳ, କୋଷାଧ୍ୟକ୍ଷ ସୁଧୀର ଗୋପାଳଙ୍କୁ ମନୋନୀତ କରାଯାଇଥିଲା । ତଦାରଖ କରିବା ପାଇଁ ଉଚ୍ଚ କ୍ଷମତା ସମ୍ପନ କମିଟି ଅଧ୍ୟକ୍ଷ ଭାବରେ ଧନୁ ଗୋପାଳ, ଗୌରାଙ୍ଗ ଭଇଁସାଲ, ନରେନ୍ଦ୍ର କେତକୀ, କୁଞ୍ଜ ବିହାରୀ ଗୋପାଳ, ରତ୍ନାକର ବେମାଲ, ପ୍ରମୁଖଙ୍କ ସମେତ ଅନ୍ୟମାନେ ରହିଛନ୍ତି ।

# 'ନୂଆ-ଓ' ଓଡ଼ିଆ ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଲଡୁଗାଁ, ୨୮ ।୧(ସମିସ):** ରାଜ୍ୟ ସରକାରଙ୍କ ନୂଆ ଓ ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ନିହାରକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଓଡ଼ିଆ ସାହିତ୍ୟର ଉପାସକ କୃପାସିନ୍ଧୁ ପଣ୍ଡା, ଓଡ଼ିଆ କବି ସୁଶାନ୍ତ କୁମାର ଲେଙ୍କା, ବରିଷ୍ଠ ଶିକ୍ଷାବିତ୍? ବନମାଳୀ ମାଝୀ, ପ୍ରଫୁଲ୍ଲ ମାଝୀ, କୋକସରା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଓଡ଼ିଆ ଜାତିର ଅସ୍ମିତା ଉପରେ ଆଲୋଚନା ହୋଇଥିଲା । ସନତ ପ୍ରଧାନୀ, ଶରତ ଚନ୍ଦ୍ର ରାଉତ, ଦୁଷ୍ମନ୍ତ ପାଟଯୋଶୀ ଓ କିଶନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପକ ଶଙ୍କର ସତନାମୀ, ଭାଗବତ କଟା, ପ୍ରଶାନ୍ତ ଯୋଶୀ, ଅଧ୍ୟାପିକା କଲ୍ୟାଣି ମହାନ୍ତି, ଗୀତାଞ୍ଜଳି ରାଉତ, ଖେଳଶିକ୍ଷକ ବୀରେନ୍ଦ୍ର ନାରାୟଣ ଦାସ, ଭାରତଭୂଷଣ ଠାକୁର, ବିଜୁ ସାହୁ, ଦିବାକର ଦୁର୍ଗା, ତୁଳସୀ ବାଗ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ ।

# ନୃତ୍ୟଶିଳ୍ପୀ 'ବର୍ଷାରାଣୀଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୮ ।୧(ସମିସ):** 'ବର୍ଷାରାଣୀ ପଣ୍ଡା' ଓଡ଼ିଶୀ ନୃତ୍ୟରେ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ସଫଳତା ଆଣୁଥିବା ବେଳେ ଗରିବ ଓ ଆଦିବାସୀ ଅଞ୍ଚଳରେ ମାଗଣା ଓଡ଼ିଶୀ ନୃତ୍ୟଶିକ୍ଷା ଦେବା କଥା ନେଇ ଚର୍ଚ୍ଚାରେ ରହି ଆସିଛନ୍ତି । ବର୍ତ୍ତମାନ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଗବେଷିକା ଭାବେ ସେ କାର୍ଯ୍ୟରତ । ରାଜ୍ୟପାଳ ପୁରସ୍କୃତ ଏହି କଳାକାର ବର୍ତ୍ତମାନ ଆର୍ଥିକ ସ୍ତରରେ ପଛୁଆ ବର୍ଗ ର ଗ୍ରାମାଞ୍ଚଳ ମାନଙ୍କ ରେ ଓଡ଼ିଶୀ ଓ ସାଂସ୍କୃତିକ ଜନ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି । ବର୍ତ୍ତମାନ 'ଭବାନୀପାଟଣା କଳାହାଣ୍ଡି' ସ୍ଥିତ 'ପ୍ରଗତି କନ୍‌ସେପ୍ଟ ସ୍କୁଲ୍?' ତଥା ଅନ୍ୟାନ୍ୟ ଗ୍ରାମ ମାନଙ୍କରେ ଶିଶୁ ମାନଙ୍କୁ ଓଡ଼ିଶୀନୃତ୍ୟର ଇତିହାସ, ଉନ୍ନତି ଓ ସଚେତନତାର ବାର୍ତ୍ତା ଦେଇଛନ୍ତି । ଗାଁ ଗହଳିରେ ଦିନ ମଜୁରିଆ ଓ ଅପହଞ୍ଚ ସ୍ଥାନରେ ଓଡ଼ିଶୀନୃତ୍ୟର ବାର୍ତ୍ତା ପହଞ୍ଚାଇବା ବର୍ଷାଙ୍କ ବ୍ୟକ୍ତିଗତ ପ୍ରୟାସ । ଏହି ସଚେତନତା କାର୍ଯ୍ୟରେ 'ପ୍ରଗତି କନ୍‌ସେପ୍ଟ ସ୍କୁଲ୍?' ର 'ପ୍ରଧାନ ଶିକ୍ଷକ' ଏବଂ 'ପ୍ରତିଭା ସାଂସ୍କୃତିକ ଅନଷ୍ଠାନ'ର ଅଧ୍ୟକ୍ଷ 'ଧ୍ୟାନାନନ୍ଦ ପଣ୍ଡା' ସାମିଲ ହୋଇଥିଲେ ।

# ସିଟିଜେନ୍ ଫୋରମ ପକ୍ଷରୁ ଆଲୋଚନାଚକ୍ର

**କୋକସରା, ୨୮ ।୧(ସମିସ):** କୋକସରା ବ୍ଲକ ସିଟିଜେନ ଫୋରମ ପକ୍ଷରୁ ସ୍ଥାନୀୟ ସ୍ନାତକ ମହାବିଦ୍ୟାଳୟଠାରେ ଭାରତୀୟ ନାଗରିକଙ୍କ ମାଳିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଫୋରମର ସଭାପତି ବ୍ୟୋମକେଶ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡା ନିହାରକାନ୍ତ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମରେ ଜଗବନ୍ଧୁ ମାଝୀ, କେଶବ ନାଏକ, ମଙ୍ଗଲୁ ଭାଟି, ଦେବାନନ୍ଦ ରାଉତ, ନାରାୟଣ ପଟ୍ଟନାୟକ, ଲକ୍ଷ୍ମୀଧର ପୁଝାରୀ, ମନିଜର ପୋଡ଼, ନୃସିଂହ ଚରଣ ବାରିକ, ଭାଗ୍ୟବାନ ବାଗ, ଅର୍ଜୁନ ବାଗ ଅଂଶଗ୍ରହଣ କରିଥିଲେ । ଜବାହର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡା ମଞ୍ଚ ସଂଯୋଜନା କରିଥିଲାବେଳେ ଫୋରମ୍?ର ସମ୍ପାଦକ ମିନିକେତନ ପ୍ରଧାନୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶ୍ରୀନିବାସ ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗ୍ରାମବିକାଶ ଶିକ୍ଷାନିକେତନରେ ପ୍ରଶ୍ନମଞ୍ଚ ପ୍ରତିଯୋଗିତା

**ଥୁଆମୂଳ ରାମପୁର, ୨୮ ।୧(ସମିସ):** ଥୁଆମୁଳ ରାମପୁର ବ୍ଲକର 'ଗ୍ରାମ ବିକାଶ ଶିକ୍ଷା ନିକେତନ' ଠାରେ ୧୦୮ତମ ଶିକ୍ଷା ଚେତନା ଅଭିଯାନ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ଯୁଥ ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମ, ତିଥି ଓ ପର୍ବପର୍ବାଣି, ସଂସ୍କୃତି ପୁରାଣ ଇତିହାସ, ଭୂଗୋଳ, ବିଜ୍ଞାନ, ମହାପୁରୁଷଙ୍କ ଜୀବନୀ ଏବଂ କଳାହାଣ୍ଡି ସମ୍ବନ୍ଧୀୟ ପ୍ରଶ୍ନମଞ୍ଚରେ ଶିକ୍ଷାନିକେତନର ଛାତ୍ରଛାତ୍ରୀ ମାନଙ୍କୁ ନେଇ ୧୦ ଗୋଟି ରାଉଣ୍ଡରେ ୧୦୦ଟି ପ୍ରଶ୍ନୋତ୍ତର ତିଯୋଗିତା ଆୟୋଜିତ ହୋଇଥିଲା । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ବିଶିଷ୍ଟ ସମାଜସେବୀ ଚିନ୍ମୟ ବେହେରା, ସଂଯୋଜକ ପ୍ରିୟ ରଞ୍ଜନ ମୁଣ୍ଡ, ସଞ୍ଜୟ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ । ୨୦୦ ଛାତ୍ରୀଙ୍କୁ ସାନିଟାରୀ ନେପକିନ୍ ପେଡ୍ ପ୍ରଦାନ କରାଯାଇଥିଲା । ଯବ ସଂଗଠକ ସଞ୍ଜୀବ ଠାକୁରଙ୍କ ଉପସ୍ଥିତିରେ ଶିକ୍ଷକ ନାରାୟଣ ଆଡବାଙ୍ଗ, ଦାସରଥୀ ମାଝୀ, ସୁଶୀଲ ବାଗ, ରାକେଶ ବାଗ, ମମତା ମୟୀ ସାହୁ, ବୈଦେହୀ ମାଝୀ, ରୁକ୍ମଣୀ ମଣ୍ଡଳ ଏବଂ ନିଶୀ ଛତ୍ରିଆଙ୍କ ସମେତ ଶିକ୍ଷାନିକେତନର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ ।




# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୨ତମ ବାର୍ଷିକ ଉତ୍ସବ

**ନୂଆପଡ଼ା, ୨୮ ।୧(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଚିନ୍ତାମଣୀ ପାଣିଗ୍ରାହୀ ସଭାପତିତ୍ୱ କରିଥିବାବେଳେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟର ଅବସରପ୍ରାପ୍ତ ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଡାକ୍ତର ବିଜୟ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି, ଜିଲ୍ଲା ସଂଘ ଚାଳକ ଉଦୟ ସିଂ ମାଝୀ ବିଶେଷ ଅତିଥି, ପୂର୍ବତନ ଜିଲ୍ଲା ସଂଘ ଚାଳକ ପୁରୁଷୋତ୍ତମ ସୁନାନୀ ମୁଖ୍ୟ ବକ୍ତା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ଶିବାଜୀ ପଣ୍ଡା, ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ମହେନ୍ଦ୍ର କୁମାର ନାଏକ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ନବମ ଶ୍ରେଣୀ ଛାତ୍ର ସୁରଞ୍ଜିତ ବେହେରା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ପରିଚାଳନା ସମିତି ସମ୍ପାଦକ ଶିବାଜୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନାଚାର୍ଯ୍ୟ ନାଏକ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ନାଟକ ଭକ୍ତ ପ୍ରହ୍ଲାଦ ପରିବେଷଣ କରାଯାଇଥିଲା

# ନର୍ଲା ଯାଦବ ଭବନ ଲୋକାର୍ପିତ




**ନର୍ଲା, ୨୮ ।୧(ସମିସ):** ରବିବାର କଳାହାଣ୍ଡି ଜିଲ୍ଲା ନର୍ଲା ଠାରେ ନବନିର୍ମିତ ଯାଦବ ଭବନର ପ୍ରତିଷ୍ଠା ଉତ୍ସବ ଓ ଯାଦବ ଏକତା ସମାବେଶ ଅନୁଷ୍ଠିତ ହୋଇଯାଇଛି । ନର୍ଲା ବ୍ଲକ ଯାଦବ ସମିତି ସଭାପତି ଯୁଧିଷ୍ଠିର ଗଉଡ଼ଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମହୋଷଧି ବାଗ, ମୁଖ୍ୟ ବକ୍ତା ଭାବେ ପଦ୍ମଶ୍ରୀ ଡ. ହଳଧର ନାଗ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବ, ଜିଲ୍ଲା ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡ଼ା ମାଝୀ, କଳାହାଣ୍ଡି ଜିଲ୍ଲା ଯୁବ ଯାଦବ ମହାସଭା ସଭାପତି ଗୋବିନ୍ଦ ବନଛୋର, ଭବାନୀପାଟଣା ପୌରାଧ୍ୟକ୍ଷା ସଞ୍ଜୁକ୍ତା ବେହେରା, ଜିଲ୍ଲା ମହିଳା ମହାସଭା ସଭାନେତ୍ରୀ ରଶ୍ମିରେଖା ରାଉତ, ପ୍ରତିଷ୍ଠା କମିଟି ସଭାପତି ଦିଲିପ ଗହୀର ଓ ସମ୍ପାଦକ ପଦ୍ମଲୋଚନ ଜାଲ ପ୍ରମୁଖ ଯୋଗଦେଇ ଯାଦବ ସମାଜର ବିଭିନ୍ନ ଦିଗନ୍ତ ଉପରେ ଆଲୋକପାତ କରିଥିଲେ । ନର୍ଲା ଯାଦବ ଭବନ ପାଇଁ ଜମି ଦାନ କରିଥିବା ସ୍ୱର୍ଗତ ଖଗେଶ୍ୱର ଜାଲ ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଗତ ରାଧିକା ଜାଲଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ଖଗେଶ୍ୱର ଜାଲ ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଗତ ରାଧିକା ଜାଲଙ୍କ ଦୁଇ ପୁତ୍ର ପଦ୍ମଲୋଚନ ଜାଲ, ରୋମାଞ୍ଚଳ ଜାଲ ଓ ଦୁଇ ପୁତ୍ରବଧୂ ଜ୍ୟୋତ୍ସ୍ନା ରାଣୀ ଧଙ୍ଗଡାମାଝୀ ଏବଂ ଜ୍ୟୋତ୍ସ୍ନା ରାଣୀ ବଗର୍ତ୍ତୀ ବରେଣ୍ୟ ଅତିଥିମାନଙ୍କ ଠାରୁ ମାନପତ୍ର ଗ୍ରହଣ କରିଥିଲେ । ଏହି ଅବସରରେ ସମାଜ ପ୍ରତି ବିଶେଷ ଅବଦାନ ପାଇଁ ଅନେକ ଯାଦବ ପ୍ରତିଭାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ଯାଦବ ନେତୃତ୍ୱ ପଦ୍ମଲୋଚନ ଜାଲ ଓ ଶିକ୍ଷାବିତ୍ ମଧୁସୂଦନ ରାଉତ ମଞ୍ଚ ସଂଯୋଜନା କରିଥିଲେ । ସଭାରେ ବରିଷ୍ଠ ଯାଦବ ସଂଗଠକ ଟଙ୍କଧର ଭୋଇ, ମହେନ୍ଦ୍ର ନାଏକଙ୍କ ସମେତ ୧୩ଟି ବ୍ଲକ, ୨ଟି ଏନଏସି, ଭବାନୀପାଟଣା ଟାଉନ ସଭାପତି ଏବଂ ପୂର୍ବତନ ବ୍ଲକ ସଭାପତି ପ୍ରମୁଖ ମଞ୍ଚାସୀନ ଥିଲେ । ନର୍ଲା ବ୍ଲକ ଯାଦବ ସମିତି ଉପସଭାପତି ଗିରିଧାରୀ ଗଉଡ, ଦୁର୍ଲ୍ଲଭ ମାହାର ଓ ଲିଙ୍ଗରାଜ କରୁଆଁ, ସହ-ସମ୍ପାଦକ ଅଜିତ କରୁଆଁ, କୋଷାଧ୍ୟକ୍ଷ ମାର୍କଣ୍ଡ ଜାଲ, ନିର୍ମାଣ କମିଟି ସଭାପତି ତ୍ରିଲୋଚନ ନାଏକ, ଜୟଚନ୍ଦ୍ର ହାତୀଙ୍କ ସମେତ ନର୍ଲା ବ୍ଲକ ଓ ଆଞ୍ଚଳିକ ଯାଦବ ସମିତିର କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟମାନେ ସହଯୋଗ କରିଥିଲେ ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୨୮ ।୧(ସମିସ):** ସଦର ବ୍ଲକ ମୂଷିଗୁଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପଞ୍ଚମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଅବସରପ୍ରାପ୍ତ ବ୍ରଜମୋହନ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷତ୍ରି ସବିତା ପଟ୍ଟନାୟକ, ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷୟତ୍ରୀ ଇତିଶ୍ରୀ ସାହୁ ସଂଯୋଜନା କରିଥିଲେ । ମୋନାଲିସା ସୁନା ଏବଂ ସୌଦାଗର ସୁନା ମଞ୍ଚ ପରିଚାଳନା କରିଥିଲେ । ଦୁଆରସୁନି ପଞ୍ଚାୟତ ସରପଞ୍ଚ ବିଦ୍ୟାଳୟକୁ ଘୁମୁରା ବାଦ୍ୟଯନ୍ତ୍ର ପ୍ରଦାନ କରିଥିବାରୁ କୈଳାସ ଚନ୍ଦ୍ର ନାୟକଙ୍କୁ ସମ୍ମାନିତ କରାଯାଇଥିଲା । ନିରଜା ରାୟ, ଆଦିତି ପଟ୍ଟନାୟକ, ରତ୍ନ ଦାଶ, ଅନୁଷ୍କା ମହାପାତ୍ର, ଇପ୍ସିତା ନନ୍ଦା, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




# ଲୁହାଯୋରରେ ପୋଲ ନିର୍ମାଣ କଲେ ସମାଜସେବୀ

**ନର୍ଲା, ୨୮ ।୧(ସମିସ)**

ସମାଜସେବୀ ମନୋଜ ପଟ୍ଟନାୟକ ଏକ ଜନହିତ କାମ କରି ପୁଣି ପ୍ରଶଂସା ସାଉଁଟିଛନ୍ତି । କେସିଙ୍ଗା ଓ ନର୍ଲା ବ୍ଲକକୁ ସିଧା ସଳଖ ସଂଯୋଗରେ ବାଧା ସୃଷ୍ଟି କରୁଥିବା ଲୁହାଜୋର୍ ନାଳ ଉପରେ ନିଜ ଖର୍ଚ୍ଚ ଓ ଉଦ୍ୟମରେ ଏକ ଅସ୍ଥାୟୀ ପୋଲନିର୍ମାଣ କରିଛନ୍ତି । ଯାହାଫଳରେ ଉଭୟ ନର୍ଲା ଓ କେସିଙ୍ଗା ବ୍ଲକର୍ ଜନସାଧାରଣ ଉପକୃତ ହୋଇଛନ୍ତି । କେସିଙ୍ଗା ବ୍ଲକ ମହଗାଁ ଏବଂ ନର୍ଲା ବ୍ଲକ ଧୂବେନ ଗ୍ରାମ ମଧ୍ୟରେ ଥିବା ଲୁହାଯୋରରେ ସବୁବେଳେ ୪ ରୁ ୫ ଫୁଟ ପାଣି ଆସୁଥିବା ଯୋଗୁଁ ଲୋକଙ୍କ ଯିବା ଆସିବା ସମ୍ଭବ ହୋଇ ପାରୁନାହିଁ । ଯାହା ଫଳରେ କେସିଙ୍ଗା ଓ ନର୍ଲା ବ୍ଲକର ଜନସାଧାରଣଙ୍କ ସଂଯୋଗ ପାଇଁ ଏହି ଏକ ମାତ୍ର ଲୁହାଯୋର ବାଧକ ସାଜିଥାଏ । ବିଶେଷ କରି ବର୍ଷା ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ଲୋକେ ହୋଇଥାନ୍ତି । ବାରମ୍ବାର ଅଞ୍ଚଳବାସୀ ଏହି ଲୁହାଜୋର ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ



କରିବାପାଇଁ ଦାବି କରି ଆସୁଥିଲେ ସୁଦ୍ଧା କଳାହାଣ୍ଡି ଜିଲ୍ଲାର ରାଜନେତା ମାନଙ୍କ ଉଦାସୀନତା ଯୋଗୁଁ ଆଜି ପର୍ଯ୍ୟନ୍ତ ଏଠାରେ ଏକ ପୋଲ ନିର୍ମାଣ ହୋଇ ପାରିନାହିଁ । ମନୋଜ ପଟ୍ଟନାୟକଙ୍କ ଅଭିନବ ପ୍ରୟାସ ଯୋଗୁଁ ଏହି ଲୁହାଯୋର ଉପରେ ବର୍ତ୍ତମାନ ଲୋକଙ୍କ ଯିବା ଆସିବା ସ୍ୱାଭାବିକ ହୋଇପାରିଛି । ଆଦିବାସୀ ଦୁର୍ଗମ ଅଞ୍ଚଳ ମହଗାଁ ଗ୍ରାମରେ ଜନ୍ମଗ୍ରହଣ କରିଥିବା ମନୋଜ ସବୁବେଳେ ଆଦିବାସୀମାନଙ୍କ ସୁଖ ଦୁଃଖରେ ଛିଡା ହୋଇ ତାଙ୍କୁ ସମସ୍ତ ପ୍ରକାରର ସୁବିଧା ସୁଯୋଗ କରି ତାଙ୍କ ସହିତ ଜଡିତ ହୋଇ ରହିଥିବାରୁ ଆଜି ସେ ଅଞ୍ଚଳର ସମସ୍ତ ଆଦିବାସୀ ମାନଙ୍କ ହୃଦୟରେ ଛାଇ ହୋଇ ରହିଛନ୍ତି ।

# ବଲାଙ୍ଗିର ଗସ୍ତରେ ରାଜ୍ୟପାଳ

# ଶିକ୍ଷିତ ଓଡ଼ିଶା ହିଁ ବିକଶିତ ଓଡ଼ିଶାର ନିର୍ମାଣ କରିବ

ବଲାଙ୍ଗିର,୨୮।୧(ସମିସ)

ଏହା ଆମର ଦାୟିତ୍ୱ ଏବଂ ଆମର ସମାଜର ଦାୟିତ୍ୱ ମଧ୍ୟ ଯେ ଓଡ଼ିଶାରେ ଶିକ୍ଷାଗ୍ରହଣକୁ ଶତପ୍ରତିଶତ ଲାଗୁ କରିବା। ଶିକ୍ଷାର ପରିବେଶ ସୃଷ୍ଟି କରିବା। ଯେପରି ଆମ ଅଞ୍ଚଳର ସମସ୍ତ ଶିଶୁ ସ୍କୁଲ ଯାଆନ୍ତୁ। ଶିକ୍ଷିତ ଓଡିଶା ହିଁ ବିକଶିତ ଓଡିଶାର ନିର୍ମାଣ କରିବ। ଛାତ୍ରଛାତ୍ରୀମାନେ ନିଜର ଲକ୍ଷ୍ୟ ଧାର୍ଯ୍ୟ କରି ପାଠ ପଢନ୍ତୁ ବୋଲି ପଶ୍ଚିମାଞ୍ଚଳର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ହରିଶଙ୍କର ପରିଦର୍ଶନ ସମୟରେ ଏକ ସଭାକାର୍ଯ୍ୟରେ ରାଜ୍ୟପାଳ ରଘୁବର ଦାସ ଉପଦେଶ ଦେଇଛନ୍ତି। ଦିନିକିଆ ବଲାଙ୍ଗିର ଗସ୍ତକ୍ରମରେ ଶ୍ରୀ ଦାସ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦାହରଣ ସହ ରାଷ୍ଟ୍ରୀୟ ଶିକ୍ଷାନୀତି ବିଷୟରେ କହିଥିଲେ। ଇ ଲାଇବ୍ରେରୀ ତଥା ଜ୍ଞାନକୌଶଳ ବ୍ୟବହାର ଦ୍ୱାରା ପିଲାମାନେ ଜିଜ୍ଞାଶୁ ହଉଛନ୍ତି। ଓଡ଼ିଶାରେ ଥିବା କୁପୋଷଣକୁ ଦୂର କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ପରେ ଉଳବା ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ଘର ବୁଲି ଦେଖିଥିଲେ। ବିଭିନ୍ନ ଲୋକଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଶେଷରେ ଭଇଁଷାରେ ଚାଷୀଙ୍କ ସହ ପ୍ରଧାନମନ୍ତ୍ରୀ କିଶାନ ଯୋଜନା, ଫସଲ ବୀମା ଯୋଜନା ଆଦି ବିଷୟରେ କଥା ହେଇଥିଲେ। ଚିନିକାଳ




ପୁନରୁଦ୍ଧାର, କପାର ମିଲିଙ୍ଗ, ଏମଏସପି ବଢେଇବା ତଥା କୋଲ୍ଡ ଷ୍ଟୋରେଜ୍ ପାଇଁ ଦାବି କଥା ନିଶ୍ଚିତ ବୁଝିବେ ବୋଲି କହିଥିଲେ। ଏହି ଗସ୍ତ ବେଳେ ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ପଟ୍ଟନାୟକ, ଲେଫ୍ଟନାଣ୍ଟ କମାଣ୍ଡର ହିମାଂଶୁ ସିଂ, ଜିଲ୍ଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରୀ ଦ୍ୟଂଦେଓ, ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେରଚନ୍ଦ୍ର ମହନ୍ତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଲୀଳାବତୀ ନାଗ, ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା ଉପସ୍ଥିତ ଥିଲେ।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା

**କଳମପୁର, ୨୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ବଡ଼କୁଟ୍ରୁ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବଡ଼କୁଟ୍ରୁ ସରପଞ୍ଚ ଗଣେଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟରେ ଅତିଥି ଭାବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ମଞ୍ଜୁଳା ସାହୁ, ସମିତି ସଭ୍ୟ ବିକ୍ରମ ନାଏକ, ବଡ଼କୁଟ୍ରୁ ପଞ୍ଚାୟତ ଜିପିଏଲ୍ଏଫ ସୁମତି ଛତ୍ରିଆ, ବିଏସ୍ଏସ୍ଓ କ୍ଷିତିଶୁତା ମେହେର, ବିଜମରା ସରପଞ୍ଚ ବାଳକୃଷ୍ଣ ମାଝୀ, ପଣ୍ଡିଗାଁ ସରପଞ୍ଚ କବିତା ଜୈନ, ଶତ୍ରୁଘନ ବାଗ, କୃଷ୍ଣଚନ୍ଦ୍ର ନିଆଁଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟର ମୁଖ୍ୟ ଅତିଥି ଭାବରେ କଳମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ମାଣ୍ଡାଙ୍ଗି, ସୃତି ରଞ୍ଜନ ସେଠୀ, କୋଟାଗାଁ ସରପଞ୍ଚ



ଚନ୍ଦନ କୁମାର ପଣ୍ଡା, ନୂଆଗାଁ ସରପଞ୍ଚ ସୁଶାନ୍ତ ନାଏକ, ମଣ୍ଡଳ ସରପଞ୍ଚ ତ୍ରୟମ୍ବକ ଭୋଇ ଯୋଗଦାନ କରି ଥିଲେ। ଏହି କାର୍ଯ୍ୟକ୍ରମକୁ ପାକ୍ସ ସମ୍ପାଦକ ଷଷ୍ଠୀ ପ୍ରସାଦ ସୁନାନୀ ମଞ୍ଚ ପରିଚାଳନା କରିଥିବାବେଳେ ଏଥିରେ ବଡକୁଟ୍ରୁ ପଞ୍ଚାୟତର ପିଇଓ ବିକାଶ ମୋହନ ମାଝୀ, ଜିଆର୍ଏସ୍ ସୁମିତ୍ରା ମାଝୀ, ଯୋଗାଣ ସହାୟକ ମାନସ ରଞ୍ଜନ ପଣ୍ଡା, ଲଳିତ ନିଆଁଲ, ଛନ୍ଦା ଚରଣ ଛତ୍ରପାଲ, ଗଗନ ମାଝୀ, ହରେଶ୍ୱର ଗହିର ପ୍ରମୁଖ ସହଯୋଗ କରିଥିଲେ

## ବିରିପାଲି ଗାଁରୁ ନାବାଳକ ନିଖୋଜ

**ତୁରେକେଲା, ୨୮।୧ (ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ବିରିପାଲି ଗାଁର ଧନେଶ୍ୱର ସତନାମୀଙ୍କ ପୁଅ ସୁରେଶ (୧୬) ନିଖୋଜ ଅଛନ୍ତି। ଏନେଇ ପରିବାର



ଲୋକେ କଣ୍ଟାବାଞ୍ଜି ରେଳବାଇ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ସୁରେଶ ଗତ ୨୭ ତାରିଖ ସକାଳ ପ୍ରାୟ ୭ରୁ କିଛି ଲୋକଙ୍କୁ କଣ୍ଟାବାଞ୍ଜି ରେଳବାଇ ଷ୍ଟେସନ ଯାଉଥିବା କହି ଘରୁ ବାହାରିଥିଲେ। ଆଜିଯାଏ ସେ ଘରକୁ ଫେରି ନାହାଁ। ପରିବାର ଲୋକେ ଅନେକ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କୁ ପାଉନାହାନ୍ତି। ସୁରେଶଙ୍କ ମାନସିକ ସ୍ଥିତି ମଧ୍ୟ ଠିକ ନ ଥିବା ତାଙ୍କ ବାପା କହୁଛନ୍ତି। ଯଦି କିଏ ସୁରେଶଙ୍କୁ ଦେଖନ୍ତି, ଯୋଗାଯୋଗ କରିବାକୁ ତାଙ୍କ ବାପା ଗଣମାଧ୍ୟମ ଜରିଆରେ ସମସ୍ତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ତରବୋଡ଼ଠାରେ କିସ୍ ପକ୍ଷରୁ ମିନିମାରାଥନ

**କୋମନା, ୨୮ ।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ତରବୋଡ଼ଠାରେ ମିନି ମାରାଥନ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା କ୍ରିକେଟ ଆସୋସିଏସନର ଉପସଭାପତି ସରୋଜ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ଥିଲେ। ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଯୁବକ, ସାମ୍ବାଦିକ ଓ କ୍ରୀଡାପ୍ରେମୀ, କିସ ଓ କିଟର ଆଲୁମିନିମାନେ ମାନେ ସାମିଲ ହୋଇଥିଲେ। କୁନୁକରୁଆଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଓସିଏ ଉପସଭାପତି ସରୋଜ ସାହୁ, ବିଶିଷ୍ଟ ଅତିଥିଭାବେ ନୂଆପଡ଼ା ଡେପୁଟି କଲେକ୍ଟର ହେମନ୍ତ ପୁଟା, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ, ତରବୋଡ ସରପଞ୍ଚ ଗଙ୍ଗାରାମ ମାଝୀ, ପ୍ରଧାନଶିକ୍ଷକ ପରସରାମ ଅହିର, ବାଞ୍ଜିବାହାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ଶବର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।




## ପର୍ଲାରେ ଆମ ଓଡ଼ିଶା ନବୀନ ଓଡ଼ିଶା, ପଞ୍ଚାୟତସ୍ତରୀୟ ସଚେତନା ଶିବିର

**ଧର୍ମଗଡ଼, ୨୮ ।୧(ସମିସ):** ଧର୍ମଗଡ଼ ବ୍ଲକ ପର୍ଲା ପଞ୍ଚାୟତ ମିନିଷ୍ଟାଡିୟମ ଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସରପଞ୍ଚ ବ୍ରିଜ୍ ଲାଲ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ତହସିଲଦାର ସଞ୍ଜୟ ସାମନ୍ତରାୟ, ସମ୍ମାନିତ ଅତିଥିଭାବେ ଯୋନ-୨ଜିଲ୍ଲା ପରିଷଦ ଶଙ୍କର ଜୁଏଡ, ଜୟନ୍ତପୁର ସରପଞ୍ଚ ଜୟନ୍ତୀ ବାଗ, ପର୍ଲା ସମିତି ସଭ୍ୟା ପୂର୍ଣ୍ଣମି ଧରୁଆ, ନାଏବ ସରପଞ୍ଚ ଦ୍ରୌପଦୀ ଦାସ, ପିଇଓ କ୍ଷେତ୍ର ମୋହନ ବିହାର, ଯୋଗ ଦେଇଥିଲେ। ଏହି ଅବସରରେ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଜନସାଧାରଣଙ୍କ ସଚେତନ ପାଇଁ ବିଭିନ୍ନ ବିଭାଗର ଷ୍ଟଲମାନ ଖୋଲାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ନଳୀନ ଦାସ ପରିଚାଳନା କରିଥିବାବେଳେ ପୂର୍ବତନ ସମିତି ସଭ୍ୟ ଅରୁଣ ଜାଲ, ଗୟାରାମ ଖର୍ସେଲ, ସମାଜସେବୀ




ନବୀନ ପୁରୋହିତ, ଆଇନଜୀବୀ ଯୁଗଳ ଜାଲ, ଅବସରପ୍ରାପ୍ତ ଆର୍ମି ପୁଲିସ ସାଧୁରାମ ଶବର, ମଧୁସୂଦନ ଗୋପାଳ ପ୍ରମୁଖ ସହଯୋଗ କରିଥିଲେ।

## ପୁଇଁନ୍ତଲା ବ୍ଲକ ଯାଦବ ମହାସଭାର କାର୍ଯ୍ୟକ୍ରମ

**ବଲାଙ୍ଗିର,୨୮ ।୧(ସମିସ):** ବଲାଙ୍ଗିର ଜିଲ୍ଲାର ଦେଓଗାଁ ବ୍ଲକ ଅନ୍ତର୍ଗତ ମକୁନ୍ଦପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭୀମପାହାଡ଼ରେ ପୁଇଁନ୍ତଲା ବ୍ଲକ ଯାଦବ ମହାସଭାର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଅନିରୁଦ୍ଧ ବଗର୍ତ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ନରୋତ୍ତମ ନାଗ, ମହାଦେବ ବାଙ୍କ, ପୂର୍ଣ୍ଣ ଚନ୍ଦ୍ର କାଣ୍ଡ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବ୍ଲକ ଉପ ସଭାପତି ଚନ୍ଦ୍ରବଦନ ବଗର୍ତ୍ତା, ଯୁବ ଯାଦବ ସଂପାଦକ ସଚିତା ନନ୍ଦ ବଗର୍ତ୍ତା, ଜଗନ୍ନାଥ ଚନ୍ଦନଙ୍କ ସମେତ ବ୍ଲକ ଅଞ୍ଚଳର ଗ୍ରାମପଞ୍ଚାୟତଗୁଡିକର ସଭାପତି/ ସଂପାଦକମାନେ ଉପସ୍ଥିତ ଥିଲେ। ଯାଦବ ସମାଜର କର୍ମକର୍ତ୍ତାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ସଂପାଦକ ପ୍ରଦୀପ ସେଲମା ପରିଚାଳନା କରିଥିବା ବେଳେ ଯୁବ ଯାଦବ ସଭାପତି ଦେବେନ୍ଦ୍ର ହାତୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭେଡେନ ରାମଲୀଲା ମହୋତ୍ସବ: ରାମ-ଲକ୍ଷ୍ମଣ ବରଣ

**ଭେଡେନ, ୨୮।୧(ସମିସ):** ଭେଡେନ ପ୍ରସିଦ୍ଧ ବିରାଟ ରାମଲିଳା ମହୋତ୍ସବ ପାଇଁ ସୋମବାର ରାମ-ଲକ୍ଷ୍ମଣ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଲଗ୍ନ ଅନୁସାରେ ସ୍ଥାନୀୟ ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣ ରୁ ପୂଜାର୍ଚ୍ଚନା କରି କମିଟିର ସଦସ୍ୟମାନେ ରାମ ଭୂମିକରେ ଅଭିନୟ କରୁଥିବା ଭେଡେନ ଗ୍ରାମର ବରିଷ୍ଠ ମଞ୍ଚ କଳାକାର ମହେନ୍ଦ୍ର ସେଠଙ୍କ ଭେଡେନ ସ୍ଥିତ ବାସଭବନ ରେ ପହଂଚି ବିଧିବଦ୍ଧ ଭାବରେ ବରଣ କରିଥିଲେ।ପରେ ଲକ୍ଷ୍ମଣ ଭୂମିକରେ ଅଭିନୟ କରୁଥିବା କୁମ୍ଭାରୀ ନିବାସୀ ସଚିନ ମହାପାତ୍ରଙ୍କୁ ତାଙ୍କ ବାସଭବନରେ କମିଟିର ସଦସ୍ୟମାନେ ପହଁଚି ବରଣ କରିଥିଲେ।ଏହି କାର୍ଯ୍ୟକ୍ରମ ରେ କମିଟିର କୃଷ୍ଣଚନ୍ଦ୍ର ବେହେରା, ସୁକୁଦେବ ମେହେର,ଶତ୍ରୁଘ୍ନ ମେହେର,ମୁନସି ମେହେର,କଏଲାସ ମେହେର,ଦୀପକ ମେହେର,ଆସାରାମ ନାଏକ,ନିତ୍ୟାନନ୍ଦ ମେହେର ଙ୍କ ସମେତ କମିଟିର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।



## ଜିଲ୍ଲାସ୍ତରୀୟ ସ୍କାଉଟ୍ ଓ ଗାଇଡ୍ 'କ୍ୟାମ୍ପୋରି'



**ଭେଡେନ/ଥୁଆପାଲି, ୨୮।୧ (ସମିସ):** ବରପଦର୍ ଅଛାଣ୍ଡପାଲି ଆଞ୍ଚଳିକ ହାଇସ୍କୁଲ,ରେ ଜିଲ୍ଲାସ୍ତରୀୟ ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପୋରୀ ଡିଇଓ ବରଗଡ଼ ମିତ୍ରଭାନୁ କଛପଙ୍କ ସଭାପତିତ୍ୱ, ବିଇଓ ଭେଡେନ ମଛିନ୍ଦ୍ର ମଲ୍ଲିକଙ୍କ ସଂଯୋଜନା ଏବଂ ପ୍ରଧାନଶିକ୍ଷକ ଯୋଗେଶଚନ୍ଦ୍ର ପ୍ରଧାନଙ୍କ ସଂଗଠକ ସମ୍ପାଦନାରେ ଶୁଭାରମ୍ଭ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ମୁଖ୍ୟବକ୍ତା ଭାବେ ଡିଏଭି ଟିଟିଲାଗଡ଼ର ଅବସରପ୍ରାପ୍ତ ଅଧ୍ୟାପକ ଶିବପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବେ ରାଧାକାନ୍ତ ଛତ୍ରୀ, ଏଡିଇଓ ଭାରପ୍ରାପ୍ତ ଆଇପିଇ ତଥା ଜିଲ୍ଲା ସଂପାଦକ ଭାରତ ସ୍କାଉଟ୍ ଗାଇଡ, ଅମୃତା ସାହୁ, ଜିଲ୍ଲା ଆୟୁକ୍ତ, ଗାଇଡ, ବରଗଡ଼, ଡୋଲାମଣି ଖେତି, ବ୍ଲକ୍ ଉପାଧ୍ୟକ୍ଷ, ପଦ୍ମିନୀ ଗଡତିଆ, ପିଙ୍କି ବଡେଇ, ସତ୍ୟଜିତ ପୁରୋହିତ, ଜିଲ୍ଲା ପରିଷଦ ସଭ୍ୟ, ପଙ୍କଜିନୀ ପସାୟତ, ସମିତିସଭ୍ୟା, ମୀରା ମହାକୁର, ସରପଞ୍ଚ, ଅବସରପ୍ରାପ୍ତ ଆଇପିଇ ଆଶୁତୋଷ ଦେ ଓ ଅବସରପ୍ରାପ୍ତ ଶିକ୍ଷକ ଅଗ୍ନି କୁମାର୍ ପ୍ରଧାନ ଯୋଗ ଦେଇଥିଲେ। ଶିକ୍ଷକ ଗୁରୁଦେବ ତ୍ରିପାଠୀଙ୍କ ସଂଗୀତ ସଂଯୋଜନାରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଶିକ୍ଷକ ଗୋବିନ୍ଦ ସେଠ୍ ଓ ମୁନସୀ ପାତ୍ର, ପିଇଟି ନୂଆଗଡ ହାଇ ସ୍କୁଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗେଶଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ୧୨ଟି ବ୍ଲକରୁ ସ୍କାଉଟ୍ ୨୩୯ ଜଣ, ଗାଇଡ୍ ୧୫୫ ଜଣ ଓ ଗାଇଡ୍ ଶିକ୍ଷକ ୪୯ ଜଣ ସର୍ବମୋଟ ୪୪୩ ଜଣ କ୍ୟାମ୍ପୋରୀରେ ଯୋଗ ଦେଇଛନ୍ତି।

## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**କେସିଙ୍ଗା, ୨୮ ।୧(ସମିସ):** କେସିଙ୍ଗା ବିଦ୍ୟାପୀଠର ୨୦୦୨ ମାଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ହୋଇଛି। ଦୀର୍ଘ ୨୨ ବର୍ଷପରେ ପାଖାପାଖି ୭୫ରୁ ଊର୍ଦ୍ଧ୍ୱ ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଛାତ୍ରମାନଙ୍କୁ ସ୍ୱାଗତ କରାଯାଇଥିଲା। ସଭା ପରିଚାଳନା କରିଥିଲେ ସନ୍ତୋଷ ଦଣ୍ଡସେନା ଓ ଇମ୍ତିଆଜ ଆଲମ। ସନ୍ତୋଷ ଦଣ୍ଡସେନା ଓ ପ୍ରକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୁରଜ ମହାରଣା, ଆଲୋକ ନାଏକ, ଡ. ହରେକୃଷ୍ଣ ଧଳ, ଶୀତଲ ଜୈନ, ତେଜରାଜ ସାହୁ ସହଯୋଗ କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର

**ବରଗଡ଼, ୨୮।୧(ସମିସ):** ଅତାବିରା ବ୍ଲକ ଅନ୍ତର୍ଗତ ପାହାଡ଼ଶ୍ରୀଗିଡ଼ା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦଘାଟିତ ହୋଇଯାଇଛି। ଏହାକୁ ବିଦ୍ୟାଳୟର ଅଧ୍ୟକ୍ଷ ରାମକୃଷ୍ଣ ସାହୁ ଉଦଘାଟନ କରିଥିଲେ। ଏଥିରେ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା ଓ ବାଣିଜ୍ୟ ବିଭାଗର ସମସ୍ତ ଛାତ୍ରୀ ଭାଗ ନେଇଛନ୍ତି। ଅଧ୍ୟାପିକା ସରସ୍ୱତୀ ନାୟକ ସଂଯୋଜନା କରିଥିବା ବେଳେ ରିଙ୍କି ଭୋଇ ପ୍ରଶିକ୍ଷିକା ଭାବେ ତାଲିମ୍ ଦେଉଛନ୍ତି। ନିହାରିକା ଭୋଇ, ଅଶ୍ୱିନୀ ପ୍ରଧାନ, ଭୀଷ୍ମଦେବ ସାହୁ, ଚମାର ସେଠ୍ ଓ ବିଶ୍ୱମ୍ବର ଭୁଏ ପରିଚାଳନା କରିଛନ୍ତି।

## କଟାବାହାଲରେ ବାଳିକା ବିକାଶ ସଚେତନତା

**ଗାଇସିଲେଟ, ୨୮।୧(ସମିସ):** ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଗାଇସିଲେଟ ଶିଶୁ ବିକାଶ କାର୍ଯ୍ୟାଳୟ ଓ କ୍ରାଏ ସହାୟତାରେ ପଲ୍ଲୀ ଆଲୋକ ପାଠାଗାର ବରଗଡ଼ ପକ୍ଷରୁ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ପରିଦର୍ଶିକା ଧରିତ୍ରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଅର୍ପିତା ପଣ୍ଡା, ୱାର୍ଡସଭ୍ୟ ପ୍ରଫୁଲ୍ଲ ପଣ୍ଡା, ମହିଳା ସ୍ୱାସ୍ଥ୍ୟ କର୍ମୀ ସୂର୍ଯ୍ୟକାନ୍ତି ବରିହା, ସ୍ୱାସ୍ଥ୍ୟକର୍ମୀ ପ୍ରଣୟ ପ୍ରଧାନ ଯୋଗ ଦେଇଥିଲେ। ପରେ ସମସ୍ତ କିଶୋରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ନାଚ, ଗୀତ ଓ ଡ୍ରାମା ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ବାଳିକାଙ୍କୁ ପ୍ରମାଣପତ୍ର ସହ ବିଭିନ୍ନ ଉପକରଣ ଦିଆଯାଇଥିଲା। ପରିଚାଳନାରେ ଗୋବିନ୍ଦଚନ୍ଦ୍ର ବିଶି, ରଶ୍ମିତା ବାରିକ, ପ୍ରହଲ୍ଲାଦ ପ୍ରଧାନ, ପ୍ରଶାନ୍ତ କୁଅଁର ଅଙ୍ଗନବାଡ଼ି କର୍ମୀ ଯଶୋଦା ବରିହା, ସରସ୍ୱତୀ କର୍ଣ୍ଣାଲ, ସ୍ନେହଲତା ମିଶ୍ର, ଉଦିଆଁ ବରିହା, ଅମିଲା କୁମ୍ଭାର, କଳ୍ପନା ସାହୁ, ସମାରି ପାଧାନ, ରିତା ପଧାନ ସହଯୋଗ କରିଥିଲେ।

## ଆଧ୍ୟାତ୍ମିକ ସାଂସ୍କୃତିକ ସନ୍ଧ୍ୟା 'ଏକ୍ ସାମ୍ ସାଇ କେ ନାମ୍'

**ବରଗଡ଼, ୨୮।୧ (ସମିସ):** ବରଗଡ ସାଇ ପରିବାର ତରଫରୁ ଏକ ସାମ ସାଇ କେ ନାମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ନିଶାମଣି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁମ୍ବଇର ଖ୍ୟାତନାମା ଭଜନ ଗାୟକ ତଥା ଭଜନ ସମ୍ରାଟ ଅନୁପ ଜଲୋଟାଙ୍କ ଶିଷ୍ୟ ଏଲ ନୀତିଶ କୁମାରଙ୍କ କଣ୍ଠରେ ସୁଲଳିତ ସାଇ ଭଜନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ତାଙ୍କ ସହ ଓଡ଼ିଶାର ଅନ୍ୟତମ ଭଜନ ଗାୟିକା ସୁଶ୍ରୀ ଭାଗ୍ୟଶ୍ରୀ ମହାନ୍ତି ମଧ୍ୟ ଖୁବ୍ ସୁନ୍ଦର ଭଜନ ପରିବେଷଣ କରିଥିଲେ। ପ୍ରାରମ୍ଭରେ ସାଇ ପରିବାରର ସଭାପତି ପ୍ରଭାତ ଆଦିତ୍ୟ ମିଶ୍ରଙ୍କ ସଂଯୋଜନାରେ ଉଦଘାଟନୀ କର୍ଯ୍ୟକ୍ରମ ଓ ସାଇ ଆରତି ଅନୁଷ୍ଠିତ ହେବା ପରେ ସଙ୍ଗୀତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମେତ ସୁବ୍ରତ କରନ, ଆଦିତ୍ୟ ନାରାୟଣ ମିଶ୍ର, ପ୍ରିତେଶ ଦୋରା, ଶୈଳେନ୍ଦ୍ର ବିଶ୍ୱାଳ, ସୁଧୀର ତ୍ରିପାଠୀ, ମାନସ ଚାନ୍ଦ, ରବି ବରାଳ, ରାକେଶ ନାୟକ, ଜ୍ୟୋତିଶଙ୍କର ବିଶି, ପ୍ରୟାସ ଦାଶ, ପ୍ରାଞ୍ଜଳ ଧାନୁକା, ବୁଲୁ ନାୟକ ପ୍ରମୁଖଙ୍କ ସମେତ ସାଇ ପରିବାର ବହୁ ସଦସ୍ୟ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସଙ୍ଗୀତ ପରିବେଷଣ କରିଥିବା ସମସ୍ତ ସଦସ୍ୟ ଓ ପୃଷ୍ଠପୋଷକଙ୍କୁ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସହରବାସୀ ବେଶ୍ ଉପଭୋଗ କରିଥିଲେ। ସାଇ ପରିବାର ତରଫରୁ ସମସ୍ତଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା।



## ଦିବାରାତ୍ର ଭଲିବଲ୍: ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ଚାମ୍ପିଅନ

**ଭଟଲି,୨୮।୧(ସମିସ):** ଭଟଲି କ୍ରୀଡ଼ା ସଂଘ ପକ୍ଷରୁ ରଥଦାଣ୍ଡ ପଡିଆରେ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସୁନୀଲ ପଧାନଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ କ୍ଲବ ପରିସରରୁ ଦଧିବାମନ ମହାପ୍ରଭୁଙ୍କ ମନ୍ଦିରକୁ ଶୋଭାଯାତ୍ରାରେ ବାହାରିଥିଲେ। ସେଠାରେ ପୂଜାର୍ଚ୍ଚନା ପୂର୍ବକ ପ୍ରତିଯୋଗିତାର ସଫଳତା କାମନା କରି ମହାପ୍ରଭୁଙ୍କ ଆଶୀର୍ବାଦ ପ୍ରାପ୍ତ ମଶାଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଖେଳ ପଡ଼ିଆରେ ପହଞ୍ଚିଥିଲେ। ପରେ କ୍ରୀଡା ସଂଘର ବରିଷ୍ଠ ସଦସ୍ୟ ନିମାଇଁ ଚରଣ ରଥଙ୍କ କରକମଳରେ ପ୍ରତିଯୋଗିତା ଉଦଘାଟିତ ହୋଇଥିଲା। ଡିକେଏଲ୍ ଲହରସିଂ, ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, ଅମ୍ବାଭୋନା ବ୍ଲକ୍, ଝର, ରାୟଗଡ ଷ୍ଟାଡିୟମ ଏବଂ ଟିଆର୍ ଏଲ୍ ବେଲପାହାଡ଼ ସମେତ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଝର ଓ ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ଦଳ ମଧ୍ୟରେ ଉଦଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ ଷ୍ଟାଡିୟମ ଓ ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉତ୍ତମ ଖେଳ ପ୍ରଦର୍ଶନ କରି ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ଦଳ ୨-୦ ସେଟ୍ ରେ ରାୟଗଡ ଷ୍ଟାଡିୟମକୁ



ପରାଜିତ କରି ଫାଇନାଲରେ ଚାମ୍ପିଅନ ହୋଇଥିଲା। ଏଥିରେ ରାୟଗଡ ଷ୍ଟାଡିୟମ ଦଳର ଯୁବରାଜ ସିଂ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ମ୍ୟାଚ୍ ରେଫରି ରମେଶ ସେଠ, ଆଲୋକ ପତି, ନାରାୟଣ ତନସନା ଏବଂ ଦିଲ୍ଲୀପ ପଟେଲ ଖେଳ ପରିଚାଳନା କରିଥିଲେ। ଓଡ଼ିଶାର ଦୌଡ଼ରାଣୀ ଭାବେ ପରିଚିତା ଧାବକ ଦୂତି ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ କୋଚ ଶିବ ମିଶ୍ର ସମ୍ମାନିତ ଅତିଥି ଭାବେ ସମସ୍ତ ଖେଳାଳିଙ୍କ ସମେତ ଭଟଲିବାସୀଙ୍କୁ ଉତ୍ସାହିତ କରିଥିଲେ। ପରେ ଭଟଲି କ୍ରୀଡା ସଂଗଠନ ପକ୍ଷରୁ ଧାବିକା ଦୂତି ଚାନ୍ଦଙ୍କୁ ଶ୍ରୀ ଶ୍ରୀ ଦଧିବାମନଙ୍କ ଫଟୋଚିତ୍ର ସହିତ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ଯୁବ ଖେଳାଳିଙ୍କୁ ସଫଳତା ପାଇବା ପାଇଁ କଠିନ ପରିଶ୍ରମର ଆବଶ୍ୟକତା ରହିଥିବା ଯୁବକଙ୍କୁ ପରାମର୍ଶ ଦେଇଥିଲେ। ପରାଜୟର ଭାଙ୍ଗି ନ ପଡ଼ି ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ।

## ଗୁଡେରପାଲିରେ କିଶୋରୀ ମେଳା

**ଗୁଡେରପାଲି,୨୮ ।୧(ସମିସ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଡେରପାଲି ଗାଁର ୧୦ବର୍ଷରୁ ୧୯ବର୍ଷ ବୟସର ଝିଅ ମାନଙ୍କୁ ନେଇ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ଗାଇସିଲେଟ ଆନୁକୂଲ୍ୟରେ ଏକ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଷୀନେତା କିଶୋରଚନ୍ଦ୍ର ଦେବତା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଥିବାବେଳେ ସ୍ଥାନୀୟ ସରପଞ୍ଚ ରାମଚନ୍ଦ୍ର ପାତ୍ର, ଶୈଳବାଳା ଦେବତା, ସ୍ଥାନୀୟ ବାପୁଜୀ ହାଇସ୍କୁଲ୍ ପ୍ରଧାନଶିକ୍ଷକ ପ୍ରଜାପତି ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମସ୍ତ ଅଙ୍ଗନବାଡ଼ି କର୍ମୀ, ଆଶା ଦିଦି, ଅଙ୍ଗନବାଡ଼ି ସୁପରଭାଇଜର, ଏ ଏନ୍ ଏମ୍ ଦିଦି ଅଂଶ ଗ୍ରହଣ କରି କିଶୋରୀ ମାନଙ୍କ ସ୍ୱାସ୍ଥ୍ୟଗତ, ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତନ, ରକ୍ତ ନମୁନା ପରୀକ୍ଷା ଏବଂ ବାଲ୍ୟବିବାହ ରୋକିବା ଉପରେ ଆଲୋଚନା କରିଥିଲେ। କିଶୋରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଏବଂ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



### ଫେବୃୟାରୀ ୧୧ରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହର ସମାବେଶ

# ଓକିଲଙ୍କ ଏକତା, ଅଖଣ୍ଡତା ପାଇଁ ଉଦ୍ୟମ

ବରଗଡ଼, ୨୮ ।୧(ସମିସ)

ଆସନ୍ତା ଫେବୃୟାରୀ ୧୧ ତାରିଖରେ ବରଗଡ଼ରେ ପଶ୍ଚିମ ଓଡିଶା ଓକିଲ ସଂଘ ସମୂହର ଏକ ସମାବେଶ ଅନୁଷ୍ଠିତ ହେବ। ରବିବାର ବରଗଡ଼ ଜିଲ୍ଲା ଓକିଲ ସଂଘ ସମୂହ ଆଡହକ କମିଟିର ଏକ ବୈଠକରେ ଏନେଇ ପ୍ରସ୍ତାବ ଗୃହୀତ ହୋଇଛି। ଜିଲ୍ଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଓକିଲ ସଂଘ ଯୋଗଦାନ କରିଥିଲେ। ପଶ୍ଚିମ ଓଡିଶାର ସମସ୍ତ ଓକିଲମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏକତା, ଅଖଣ୍ଡତା, ଭାଇଚାରା ବଜାୟ ରଖିବା ପାଇଁ ଏକ ବୈଠକ ଡକାଯିବା ନିଷ୍ପତ୍ତିକ୍ରମେ ଏକ ସମାବେଶ ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ସମାବେଶରେ ପଶ୍ଚିମ ଓଡିଶାର ସମସ୍ତ ଓକିଲ ସଂଘକୁ ନିମନ୍ତ୍ରଣ କରାଯିବ ବୋଲି ସୂଚନା ଦିଆଯାଇଛି। ଏକ ଉପଦେଷ୍ଟାମଣ୍ଡଳୀ ଗଠନ ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ବିଜେପୁରଠାରେ ହେବାକୁ ଥିବା ଜେଏମଏଫସି କୋର୍ଟ ଉଦଘାଟନ ହୋଇ ନ ପାରି ମୁଖ୍ୟ ବିଚାରପତି ତଥା ପ୍ରଶାସନିକ ବିଚାରପତି ଫେରିଯିବାକୁ ନେଇ ବୈଠକରେ ଦୁଃଖ ପ୍ରକାଶ କରାଯାଇଥିଲା। ପଦ୍ମପୁର ଓକିଲ ସଂଘ ସଭାପତି ସନ୍ତୋଷ ଶତପଥୀ, ପାଇକମାଲ ଓକିଲ ସଂଘ ସଭାପତି ରାମରତନ ପୁରୋହିତ, ଅତାବିରା ଓକିଲ ସଂଘ ସଭାପତି ଦୁର୍ଯୋଧନ ଛତର, ବରପାଲି ଓକିଲ ସଂଘ ସଭାପତି



ଆନନ୍ଦ ସାହୁ, ଭେଡେନ ଓକିଲ ସଂଘ ସଂପାଦକ ସୁଶୀଲ ବେହେରା, ଭଟଲି ଓକିଲ ସଂଘ ସଭାପତି ସଞ୍ଜୟ ପ୍ରଧାନ, ବିଜେପୁର ଓକିଲ ସଂଘ ସଭାପତି ଲାଲବିହାରୀ ସାହୁ, ଅମ୍ବାଭୋନା ଓକିଲ ସଂଘ ସଭାପତି ଜୟସିଂ ପ୍ରଧାନ, ବରଗଡ଼ ଜିଲ୍ଲା ଓକିଲ ସଂଘ ଉପସଭାପତି ସୁଶୀଲ ଶତପଥୀ, ସଂପାଦକ ଉତ୍ତର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ଓକିଲ ସଂଘର କାର୍ଯ୍ୟକାରୀ ସଦସ୍ୟ ନିଧୁବନ ବିହାରୀ ପଣ୍ଡା, ଶରଦ ପ୍ରଧାନ, ଶ୍ରୀପ୍ରକାଶ ଗୁପ୍ତା, ଆଦିତ୍ୟ ପାଢ଼ୀ, ମନୋଜ ପଟ୍ଟନାୟକ, ଦେବଦତ୍ତ ସାହୁଙ୍କ ସମେତ କିଶୋର ଦାଶ, ପୂର୍ଣ୍ଣଚନ୍ଦ୍ର ପାଇକ, ସମିର ସାହୁ, ସୁଶାନ୍ତ ବାରିକ, ସନତ ସିଂ ଗଡତିଆ, ଯୋଗେଶଚନ୍ଦ୍ର ସାହୁ, ବଳରାମ ବାରିକ ଉପସ୍ଥିତ ଥିଲେ। ବରଗଡ଼ ଜିଲ୍ଲା ଓକିଲ ସଂଘର ସହ ସଂପାଦକ ଶୁକଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

